## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ରାଜନଗର, ୫।୬(ଡି.ଏନ.ଏ.): ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ବିଶ୍ୱ ପରିବେଶ ଦିବସ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି ପୁରସ୍କାର ମିଳିଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅତୁଳ ବଳ ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରକୃତି ମିତ୍ର ପୁରସ୍କାର ବାବଦକୁ ୨୦ହଜାର ଟଙ୍କା ଏବଂ ମାନପତ୍ର ମିଳିଛି। ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ମୋନା ଶର୍ମା, କେନ୍ଦ୍ର ପରିବେଶ ବିଭାଗର ଅଧକ୍ଷ ରାଜୀବ କୁମାର, ପରିବେଶ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ ଏଥିରେ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା, ମହାବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟକୁ ଏହି ପୁରସ୍କାର ମିଳିଛି।

### ସଡ଼କ ଦୁର୍ଘଟଣାରେ ଗୁରୁତର ସମିତିସଭ୍ୟାଙ୍କ ମୃତ୍ୟୁ

**ଧର୍ମଶାଳା,୫।୬(ଡି.ଏନ.ଏ.):** ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେଉଳପୁର ପଞ୍ଚାୟତର ସମିତିସଭ୍ୟା ନିରୁପମା ବାରିକ(୪୨)ଙ୍କ ରବିବାର ମୃତ୍ୟୁ ହୋଇଛି। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ନିରୁପମା ଗତ ଗୁରୁବାର ଧର୍ମଶାଳା ବ୍ଲକରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପୁତୁରାଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ପୁତୁରାଙ୍କ ମୃତ୍ୟୁ ହୋଇଥିବାବେଳେ ନିରୁପମା ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବଡ଼ଚଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ନିରୁପମା ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ସମିତିସଭ୍ୟା ଭାବେ ବିଜୟୀ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରେଇ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସନ୍ଧ୍ୟାରେ ତାଙ୍କ ମରଶରୀର ନିଜ ଗାଁ ନେଉଳପୁର ଆସିବା ପରେ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଜିଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ୍ର, ବିଶ୍ୱବନ୍ଦନା ଜେନା, ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ନିରଞ୍ଜନ ରାଉତ, ନିର୍ମଳ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ସହର, ଉପାନ୍ତ ଅଞ୍ଚଳରେ ବଢ଼ୁଛି ଅପରାଧ

- ଭଡ଼ାଟିଆଙ୍କ ସୂଚନା ରଖୁନାହାନ୍ତି ଘରମାଲିକ
- ସରକାରୀ ଜମି ହେଉଛି ଜବରଦଖଲ
- ବଢ଼ୁଛି ବାଳ ଅପରାଧୀଙ୍କ ସଂଖ୍ୟା

**କେନ୍ଦ୍ରାପଡ଼ା ଅଫିସ, ୫।୬**

କେନ୍ଦ୍ରାପଡ଼ା ଜିଲା ଦୀର୍ଘ ଦୁଇ ଦଶନ୍ଧି ଧରି ଅପରାଧ ପ୍ରବଣ ହେବାରେ ଲାଗିଛି। ଏହି ସମୟ ଅବଧିରେ ଜିଲାକୁ ବାଂଲାଦେଶୀ ଅନୁପ୍ରବେଶ ଉତ୍କଟରୂପ ଧାରଣ କରିଥିବା ବେଳେ ସହର ଓ ଉପାନ୍ତ ଅଞ୍ଚଳ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। କ୍ରମାଗତ ଭାବେ ବାଳ ଅପରାଧୀଙ୍କ ବୃଦ୍ଧି ଚିନ୍ତାର କାରଣ ସାଜିଛି। ସେହିପରି ସରକାରୀ ଜମି ଜବରଦଖଲ, ଲୁଟ, ଛିନତାଇ, ଚୋରି, ଡକାୟତି ଘଟଣାରେ ଜିଲାବାସୀ ଅତିଷ୍ଠ ହେଉଛନ୍ତି। କ୍ରାଡା ଛାତ୍ରୀ କସ୍ତୁରୀ ସାମନ୍ତରାୟଠାରୁ ଆରମ୍ଭ କରି ସୂଚନା ଅଧିକାର କର୍ମୀ ରଞ୍ଜନ ଦାସଙ୍କ ଅସ୍ୱାଭାବିକ ମୃତ୍ୟୁ ରହସ୍ୟ ହୋଇରହିଛି। ଏଟିଏମ୍ ଲୁଟ ଘଟଣା, ସହରର ଆଖପାଖ ଅଞ୍ଚଳରେ ଟଙ୍କା ଛଡେଇ ନେବା ଘଟଣାକୁ ଜିଲା ପୋଲିସ ସହଜରେ ହଜମ କରିଦେଇଛି। ଡକାୟତି କରିବା ସହ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ ଦୁର୍ବୃତ୍ତମାନେ କରିଛନ୍ତି। ଭଡାଟିଆଙ୍କ ସମ୍ପର୍କରେ ମାଲିକ ନିକଟସ୍ଥ ଥାନାରେ ସୂଚନା ଦେବା ପାଇଁ ୨୦୧୬ରେ ସଚେତନତା କାର୍ଯ୍ୟକ୍ରମ ହୋଇଛି। ତେବେ ଏ ନେଇ ଗୋଟିଏ ବି ସୂଚନା ପୋଲିସ ପାଖରେ ଘର ମାଲିକ ପହଞ୍ଚାଇ ନ ଥିବା ଜଣାପଡ଼ିଛି।

ସହରର ମଧ୍ୟଖଣ୍ଡିସ୍ଥ ରବୀନ୍ଦ୍ର କୁମାର ଦାଶ କହିଛନ୍ତି, ପୂର୍ବରୁ ଏହି ସମସ୍ୟା ଅଧିକ ଜଣା ପଡୁ ନ ଥିଲା। ଗତ ୩ ବର୍ଷର ତଥ୍ୟକୁ ଅନୁଶୀଳନ କଲେ ଲୁଟ, ବଳାତ୍କାର, ଛିନତାଇଠାରୁ ଆରମ୍ଭ କରି ହତ୍ୟା ଘଟଣା ବୃଦ୍ଧି ପାଉଥିବାରୁ ଏ ନେଇ ଜିଲା ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କର୍ମନିଯୁକ୍ତି ଆଳରେ ମାନବ ଚାଲାଣ ବୃଦ୍ଧି ପାଇଛି। ନାବାଳିକା, ମହିଳାଙ୍କୁ ଜିଲା ଓ ବାହାରର ଲୋକ ଜିଲାରୁ ନେଇ ଯାଉଥିବା ଥାନାରେ ମାମଲା ହେଉଛି। ଥାନାରେ ଏହା ଏକ ପ୍ରେମ ବ୍ୟାପାର କହି ମିସିଂ କେସ୍ ପଞ୍ଜୀକୃତ କରୁଛନ୍ତି। ପରବର୍ତ୍ତୀ ସମୟରେ ସେହି ନାବାଳିକା, ଯୁବତୀ ଅଥବା ମହିଳାଙ୍କ ପରିବାର ସଦସ୍ୟଙ୍କ ତତ୍ପରତା ଯୋଗୁ ଦେଶ ବିଦେଶରୁ ଉଦ୍ଧାର ପରେ ସେମାନଙ୍କ ନିର୍ଯାତନାର କାହାଣୀ ଗଣମାଧ୍ୟମରେ ପ୍ରକାଶ ପାଉଛି। ବୁଦ୍ଧିଜୀବୀ ଜଗଦୀଶ ପତି କହିଛନ୍ତି, ବୁଲା ବେପାରୀ ଓ କେତେକ ଅଜ୍ଞାତ ବ୍ୟକ୍ତି ଜିଲାର ବିଭିନ୍ନ ସରକାରୀ ସ୍ଥାନରେ ଅସ୍ଥାୟୀ ଘର କରି ରହୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ନୀରବ ରହୁଛି। ସହରର ଅତି ନିକଟରେ ଥିବା ତନାର ଗାଁରେ ଗତ ୫ ବର୍ଷ ମଧ୍ୟରେ ଅହେତୁକ ଜନସଂଖ୍ୟା ବଢ଼ିଛି। ପ୍ରାୟ ୨୫ ପ୍ରତିଶତ ଲୋକଙ୍କ ପରିଚୟ ଏବେ ବି ଅଜଣା ଅଛି। ଏମାନେ କିଏ ଓ କେଉଁଠାରୁ ଆସିଛନ୍ତି, କ'ଣ କରୁଛନ୍ତି ଆଦି ପ୍ରଶ୍ନର ଉତ୍ତର ଗ୍ରାମବାସୀ ମଧ୍ୟ ଜାଣିବାକୁ ପାଉନାହାନ୍ତି। ଏଥିପାଇଁ ଗ୍ରାମବାସୀ ଜିଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି। ପ୍ଲାଷ୍ଟିକ ଖେଳଣା, ବେଡ୍‌ଶିଟ, ମହୁ, ଚାବି ଆଦି ବୁଲି ବିକ୍ରି କରୁଥିବା ଲୋକଙ୍କ ଆଶାନୁରୂପକ ଉପାର୍ଜନ ନ ଥିଲେ ମଧ୍ୟ ଉନ୍ନତ ଧରଣର ଚଳଣିରେ ଅଛନ୍ତି। ବାହାର ଜିଲାରୁ ଆସି ଏଠାରେ ଘରଭଡାରେ ରହିଥିବା ଲୋକ ହତ୍ୟା ପରି ଅପରାଧ କରି ଫେରାର ହୋଇ ଯାଉଛନ୍ତି। ଏପରି କ୍ଷେତ୍ରରେ ଘରଭଡା ନେଉଥିବା ଜିଲା ବାହାରର ଲୋକଙ୍କ ପରିଚୟପତ୍ର ଥାନାରେ ରଖିବା ଜରୁରୀ ହୋଇଥିବା ସେ ମତ ଦେଇଛନ୍ତି। ସୂଚନା ଅଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ଖୋଲାମେଲା ସମୁଦ୍ର ତଟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଜିଲାର ୩ ସାମୁଦ୍ରିକ ଥାନାର ଭିତ୍ତିଭୂମି ଅଭାବର ସୁଯୋଗ ନେଇ ସେମାନେ ଉପାନ୍ତ ଅଞ୍ଚଳକୁ କବଳିତ କରିଛନ୍ତି। ରୋଜଗାରର ପନ୍ଥା ଭାବେ ବେଆଇନ ଚିଙ୍ଗୁଡ଼ି ଚାଷ, ବନ୍ୟଜନ୍ତୁ ଶିକାର, ବନ୍ୟ ସମ୍ପଦ ଲୁଟ ଆଦି ମାମଲାରେ ସମ୍ପୃକ୍ତି ରହୁଛନ୍ତି। ଗତ ୩ବର୍ଷ ମଧ୍ୟରେ ଅପରାଧରେ ୧୫ରୁ ୩୦ ବର୍ଷ ମଧ୍ୟରେ ଥିବା ଅପରାଧୀଙ୍କୁ ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ନିଶା ବେପାର ଯୋଗୁ ଯୁବବର୍ଗ ପଥଭ୍ରଷ୍ଟ ହୋଇ ଟଙ୍କା ପାଇଁ ଅପରାଧ ଘଟାଉଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କୁ ପଚାରିବାରେ ନିକଟରେ ଜିଲା ପୋଲିସ ପକ୍ଷରୁ ମହାକାଳପଡ଼ା ବ୍ଲକ ବଟୀଘରଠାରେ ଅନୁପ୍ରବେଶକୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଛି। ବାହାର ବ୍ୟକ୍ତିଙ୍କ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ହୋଇପାରିଲେ ଜିଲାରେ ଆପରାଧିକ ମାମଲା ସଂଖ୍ୟା କମିବ ବୋଲି ସେ କହିଛନ୍ତି।

### ଅତନୁଙ୍କୁ ମନ୍ତ୍ରୀପଦ ମିଳିବା ପରେ ମାର୍ଶାଘାଇରେ ଖୁସିର ଲହରି

**ମାର୍ଶାଘାଇ,୫।୬ (ଡି.ଏନ.ଏ.)**

ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ କ୍ୟାବିନେଟରେ ସ୍ଥାନ ଦେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ମାର୍ଶାଘାଇ ଅଞ୍ଚଳରେ ଖୁସିର ଲହରି ଦେଖାଦେଇଛି। କୃଷକ ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ, ପ୍ରଦୀପ୍ତ ଗାହଣ, ନାରୀନେତ୍ରୀ ଶର୍ମିଷ୍ଠା ନାୟକ, ଭାରତୀ ଦଳାଇ, ଗଙ୍ଗାଧର ପରିଡ଼ା, ବିପିନ ବିହାରୀ ସ୍ୱାଇଁ, ସମିତି ସଭ୍ୟ ଶରତ ପ୍ରଧାନ, ଅଭିଷେକ ବେହେରା ଓ ଯୁବନେତା ସର୍ବେଶ୍ୱର ଦାସ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ମନ୍ତ୍ରୀ ନାୟକଙ୍କ ନେତୃତ୍ୱରେ ଏ ଅଞ୍ଚଳ ବିକାଶରେ ଶ୍ରେଷ୍ଠତା ଲାଭ କରିବ ବୋଲି ମତ ପ୍ରକାଶ କରିଛନ୍ତି।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**ଆଳି,୫।୬(ଡି.ଏନ.ଏ.)**



ଜେସିବି ସାହାର୍ଯ୍ୟରେ ପୋଖରୀ ଖୋଳା ଯାଉଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ମାଧ୍ୟମରେ ଜବ୍‌କାର୍ଡଧାରୀ ଶ୍ରମିକମାନଙ୍କୁ ୧୦୦ ଦିନର କାମ ଯୋଗାଇ ଦେବାକୁ ସରକାର ଘୋଷଣା କରିଛନ୍ତି। ସେମାନେ ଯେପରି ଅନ୍ୟ ରାଜ୍ୟକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯିବେ ନାହିଁ ତାହା ଉପରେ ନଜର ରାଖି ସରକାର ଏହି ପଦକ୍ଷେପ ନେଇଛନ୍ତି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଜିଲା ପ୍ରଶାସନକୁ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟି ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସବୁ ସରକାରୀ ନିୟମକୁ ଫୁ କରି ପଞ୍ଚାୟତ ପ୍ରଶାସନ ଶ୍ରମିକମାନଙ୍କ ପେଟକୁ ଲାତ ମାରି ମେଶିନ ଦ୍ୱାରା କାମ କରୁଛି।

ସୂଚନା ଅନୁଯାୟୀ, ବାଳକାଟି ପଞ୍ଚାୟତର ରୁନବନ୍ଧ ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପୋଖରୀ ଖନନ କାର୍ଯ୍ୟ ଚାଲୁ ରହିଛି। ଏହି କାମ ସମ୍ପୂର୍ଣ୍ଣ ଭାବେ ଶ୍ରମିକମାନଙ୍କ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ସରକାରୀ ଯୋଜନାକୁ କିପରି ବାଟମାରଣା କରାଯିବ, ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇ ଶ୍ରମିକ ଭିତ୍ତିକ କାର୍ଯ୍ୟରେ ମେଶିନ ବ୍ୟବହାର କରାଯାଉଛି। ହେଲେ ପଞ୍ଚାୟତ ପ୍ରଶାସନ ଏହି ନିୟମକୁ ଉଲ୍ଲଂଘନ କରି ମେଶିନରେ କାମ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଜବକାର୍ଡ ହିତାଧିକାରୀମାନେ ଗାଁରେ କାମ ନ ପାଇ ଜିଲା ବାହାରକୁ ଯାଉଥିବା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍ କାମକୁ ମେଶିନ ଦ୍ୱାରା କରାଯିବାକୁ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛ। ଜିଲା ପ୍ରଶାସନ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବ ହୋଇ ନ ଥିଲା।

## ବିଶ୍ୱ ପରିବେଶ ଦିବସ, ୮ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ରାଜନଗର, ୫।୬ (ଡି.ଏନ.ଏ.)**

ରାଜନଗର ବନ ବିଭାଗ ପକ୍ଷରୁ ଭିତରକନିକା ଡାଙ୍ଗମାଳଠାରେ ବିଶ୍ୱ ପରିବେଶ ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରାକୃତିକ ଅସନ୍ତୁଳନ, ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ଦୁର୍ବିପାକ ଏବଂ ଜୈବ ବିବିଧତା ହ୍ରାସ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବ୍ୟକ୍ତିଗତ ସ୍ତରରୁ ପ୍ରାକୃତିକ ସମ୍ପଦର ସଂରକ୍ଷଣ, ବ୍ୟାପକ ବନୀକରଣର ଆବଶ୍ୟକତା ରହିଛି ବୋଲି ପରିବେଶ ଦିବସରେ ମତପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଏଫ୍‌ଓ ଯଜ୍ଞଦତ୍ତ ପତି ଯୋଗଦେଇ ଭିତରକନିକା ଓ ଆଖପାଖ ଅଞ୍ଚଳରେ ଜଙ୍ଗଲର ସୁରକ୍ଷା ଓ ବ୍ୟାପକ ବନୀକରଣ ଉପରେ ଆଲୋଚନା କରିଥିଲେ। ଏଥିସହ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ପାଇଁ ୮ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିରଞ୍ଚି ନାରାୟଣ ସ୍ୱାଇଁ, ଶ୍ରୀକାନ୍ତ ଦାସ, ବଟକୃଷ୍ଣ ପଣ୍ଡା, ଅଶୋକ କୁମାର ବେହେରା, ଦ୍ୱାରିକାନାଥ ସେନାପତି, ଅଂଶୁମାନ ରାଉତରାୟ, ତପସ୍ୱିନୀ ଖୁଣ୍ଟିଆ ଏବଂ ଯଶୋବନ୍ତ ବେହେରାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଡିଏଫ୍‌ଓ ପତି ୧୦ ହଜାର ଟଙ୍କା ଓ ମାନପତ୍ର ଦେଇ ପ୍ରକୃତି ବନ୍ଧୁମାନଙ୍କୁ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସିଏଫ ବିରଞ୍ଚି ନାରାୟଣ ସାମଲ, ପୁନମହୀରା ହାଁସଦା, ଭଦ୍ରକ ଏସିଏଫ ଶ୍ୟାମା ଭାରତୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଡାଙ୍ଗମାଳ ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ଦିବସର ବାର୍ତ୍ତା ପ୍ରଚାର ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖମାରସାହିଠାରୁ ଡାଙ୍ଗମାଳ ଯାଏ ସାଇକେଲ ଶୋଭାଯାତ୍ରା କରିଥିଲେ। ପରିବେଶ ସୁରକ୍ଷା ଉପରେ ବିଭିନ୍ନ ସଚେତନ ଧର୍ମୀ ସ୍ଲୋଗାନ ମାଧ୍ୟ ଦେଇଥିଲେ। ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ସୁନୀଲ ରଞ୍ଜନ ରାଉତ, ହେମନ୍ତ କୁମାର ପାଣିଗ୍ରାହୀ, ରଞ୍ଜନ କୁମାର ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଡାଙ୍ଗମାଳଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଓଳକଣା ମେଳଣ ପଡ଼ିଆରେ ରାହାସ ଉତ୍ସବ

**ଡେରାବିଶ, ୫।୬(ସ୍ୱ.ପ୍ର.) :**

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଓଁକାର କ୍ଷେତ୍ର ଭାବେ ପରିଚିତ ଓଳକଣା ମେଳଣ ପଡ଼ିଆରେ ୨ତାରିଖଠାରୁ ରାହାସ ଉତ୍ସବ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ଅନୁଷ୍ଠିତ ରାହାସ ଉତ୍ସବ ପାଇଁ ଗତ ୨ ତାରିଖରେ ସ୍ଥାନୀୟ ଗୋବରୀ ନଦୀର ତିନିମୁହାଣୀ ଘାଟରୁ ୧୦୮ କଳସ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ଆସି ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜାର୍ଚ୍ଚନା ପରେ ପଦ୍ମବନ ପୀଠ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଆଶ୍ରିତ ରାହାସ ମଣ୍ଡଳ ବିଭିନ୍ନ ପ୍ରାନ୍ତରରୁ ଆସି ରାହାସ ଉତ୍ସବ ଆରମ୍ଭ କରିଥିଲେ। ଜଗତ୍‌ସିଂହପୁର ଜିଲା କୁଜଙ୍ଗସ୍ଥିତ ମୁନି ଗୋସେଇଁ ମଠର ବାବା ଧନେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାହାସ ଉତ୍ସବରେ ୩ ତାରିଖରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଗୁଜରୀ ରାହାସ, ୪ ତାରିଖରେ ଶ୍ରୀରାଧା ରାହାସ ଓ ଶେଷଦିନରେ ଅଦାନି ରାହାସ ପରିବେଷଣ କରାଯାଇଥିଲା। ଏହି ରାହାସରେ ସାଲେପୁରସ୍ଥିତ ଭୀଷ୍ମକୁଣ୍ଡି ରାହାସ ମଣ୍ଡଳ, ଏରକଣା ଶ୍ରୀରାମଚଣ୍ଡୀ ରାହାସ ମଣ୍ଡଳଙ୍କ ସମେତ ବହୁ ରାହାସ ମଣ୍ଡଳ ଯୋଗ ଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ନିରଞ୍ଜନ ପାତ୍ର ଓ ଧନେଶ୍ୱର ପଲେଇ ଅଚ୍ୟୁତାନନ୍ଦଙ୍କ ଜୀବନାଦର୍ଶ ଓ ସମାଜକୁ ଦେଇଥିବା ନୀତିବାଣୀ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଏହାକୁ ଦେଖିବା ପାଇଁ ମେଳଣ ପଡ଼ିଆ ଲୋକାରଣ୍ୟ ହୋଇଥିଲା। ସୂଚନାଯୋଗ୍ୟ ମେଳଣ ପଡ଼ିଆରେ ଭକ୍ତ ବିଦୁର ଓ ଉଦ୍ଧବଙ୍କ ମନ୍ଦିର କାହିଁ କେଉଁ କାଳରୁ ରହିଥିବା ବେଳେ ଶ୍ରୀଜଗନ୍ନାଥ, ମା' କ୍ଷେତ୍ରକାଳୀ ଓ ଅଷ୍ଟଶମ୍ଭୁଙ୍କ ମନ୍ଦିର ସମେତ ବହୁ ପୁରାତନ କୀର୍ତ୍ତିରାଜି ମନ୍ଦିର ରହିଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନା କରିଥିଲେ।

### କଣ୍ଟାବଣିଆ ଗାଁରେ ଅଗ୍ନିକାଣ୍ଡ

**ଧର୍ମଶାଳା,୫।୬(ଡି.ଏନ.ଏ.):**

ଏକ ବିବାହ ଶୋଭାଯାତ୍ରାରେ ବାଣ ଫୁଟି ଧର୍ମଶାଳା ତହସିଲ ନେଉଳପୁର ପଞ୍ଚାୟତ କଣ୍ଟାବଣିଆ ଗାଁରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସାଇରା ବାନୁଙ୍କ ୨ ବଖରା ଜଳି ଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିବାହ ଶୋଭାଯାତ୍ରା ବାଣ ଫୁଟି ଏହି ଅଗ୍ନିକାଣ୍ଡ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଅଗ୍ନିକାଣ୍ଡରେ ୫୦ ହଜାର ଟଙ୍କା ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି।

# ପନ୍ଦରମାଇଲି ଗାଁକୁ ସୁରକ୍ଷା ଦେଉଛି ହେନ୍ତାଳବଣ



ପନ୍ଦରମାଇଲି ହେନ୍ତାଳବଣରୁ ଆବର୍ଜନାକୁ ପରିବେଶବିତ୍ ସମରେନ୍ଦ୍ର ମାହାଳି ସଫେଇ କରୁଛନ୍ତି।

**ମହାକାଳପଡ଼ା,୫।୬ (ଡି.ଏନ.ଏ.)**

## ହେନ୍ତାଳ ଜଙ୍ଗଲ ସଫେଇ କଲେ ପରିବେଶବିତ୍

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବିଶାଳ ହେନ୍ତାଳ ଜଙ୍ଗଲ ବିପର୍ଯ୍ୟୟର ସୁରକ୍ଷା ପାଚେରୀ ଭାବେ ଛିଡ଼ା ହୋଇଛି। ଏହାର ସୁରକ୍ଷା ଜରୁରୀ ହୋଇପଡ଼ିଛି। ରବିବାର ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶବିତ୍ ସମରେନ୍ଦ୍ର ମାହାଳିଙ୍କ ଦ୍ୱାରା ବ୍ଲକର ବଉଳକଣି ପଞ୍ଚାୟତ ପନ୍ଦର ମାଇଲି ରାମଚଣ୍ଡୀ ଗଳିଆ ନଦୀ ଅବବାହିକାରେ ଥିବା ହେନ୍ତାଳ ବଣକୁ ସଫେଇ କରିଥିଲେ। ନଦୀ ଓ ସମୁଦ୍ରରୁ ଜୁଆର ପାଣିରେ ଭାସି ଆସୁଥିବା ବର୍ଜ୍ୟବସ୍ତୁ ତଥା ପ୍ଲାଷ୍ଟିକ ବଟଲ, ପଲିଥିନ, ଅନ୍ୟ ଆବର୍ଜନାଗୁଡିକ ଭାସି ଆସି ଗଛ ମୂଳରେ ଲାଗିଥାଏ। ଏ ସବୁ ବର୍ଜ୍ୟବସ୍ତୁ ହେନ୍ତାଳ ଓ ଲୁଣା ଜଙ୍ଗଲରେ ବହୁଳ ଭାବେ ଲାଗିଥାଏ। ଫଳରେ ଗଛ ବଢ଼ିବାରେ ବାଧା ସୃଷ୍ଟି ହୋଇଥାଏ। ଏହି ଅବସରରେ ଏହାକୁ ଦୃଷ୍ଟିରେ ରଖି ରବିବାର ଏକ ସଫେଇ କାର୍ଯ୍ୟକ୍ରମ ମାହାଳିଙ୍କ ଦ୍ୱାରା ହୋଇଥିଲା। ଜଙ୍ଗଲ ସଂଲଗ୍ନ ଥିବା ଆଦିବାସୀ ପନ୍ଦର ମାଇଲି ଗ୍ରାମର ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଲୋକମାନଙ୍କୁ ଜଙ୍ଗଲ ସୁରକ୍ଷା ଓ ସଫେଇ ସମ୍ପର୍କରେ ସଚେତନ କରାଯାଇଥିଲା। ହେନ୍ତାଳ ଓ ଲୁଣା ଜଙ୍ଗଲ ପରିବେଷ୍ଟିତ ଏହି ଆଦିବାସୀ ଅଧ୍ୟୁଷିତ ପନ୍ଦର ମାଇଲି ଗ୍ରାମକୁ ଘେରି ରହିବା ଦ୍ୱାରା ୧୯୬୭, ୧୯୭୧, ୧୯୮୨, ୧୯୯୯,୨୦୧୩, ୨୦୧୪, ୨୦୧୮, ୨୦୧୯ ବାତ୍ୟା ବିପର୍ଯ୍ୟୟରୁ ରକ୍ଷା କରିଛି ବୋଲି ଗାଁର ଲୋକମାନେ କହିଛନ୍ତି। ଗ୍ରାମରୁ ପ୍ରତ୍ୟକ ଘରୁ ବାହାରୁ ଥିବା ଅଳିଆ ଆବର୍ଜନା ଓ ପ୍ଲାଷ୍ଟିକ ଜାତ ସାମଗ୍ରୀଗୁଡିକକୁ ବାହାରି ନ ଫୋପାଡି ପୋଡ଼ି ଦେଲେ ଜଙ୍ଗଲ ଉପରେ ବିପଦ ପଡ଼ିବ ନାହିଁ ବୋଲି ମାହାଳି ଗାଁ ଲୋକଙ୍କୁ ସଚେତନ କରାଇଥିଲେ।

# ବିବାହ ବନ୍ଧନରେ ଆବଦ୍ଧ ହେଲେ ଦେବ ଦମ୍ପତି

## ଗର୍ତ୍ତେଶ୍ୱର ଶୈବ ପୀଠରେ ଶୀତଳଷଷ୍ଠୀ ଉତ୍ସବ

**ରାଜନଗର, ୫।୬ (ଡି.ଏନ.ଏ.)**

ରାଜନଗର ବ୍ଲକ ଗୋସିଗାଁସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମଦାଦେବ ପୀଠରେ ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଶନିବାର ବିଳମ୍ବିତ ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ଉତ୍ସବରେ କଳସ ଯାତ୍ରା, ସହସ୍ର କୁମ୍ଭାଭିଷେକ, ଗୀତା ଯଜ୍ଞ, ସୂର୍ଯ୍ୟପୂଜା ପରେ ବେଦମନ୍ତ୍ରରେ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କର ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁମାନେ ଶଙ୍ଖଧ୍ୱନି, ସଂକୀର୍ତ୍ତନ ମଧ୍ୟରେ ପାଛୋଟି ନେଇଥିଲେ। ରେସୋ ଗାଁର ବରପିତା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘରେ ମହାଦେବଙ୍କୁ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ରାଜନଗର ଗାଁର କନ୍ୟାପିତା ବିଷ୍ଣୁଚରଣ ସାହୁଙ୍କ ଘରକୁ ମା' ଆଦିଶକ୍ତିଙ୍କର ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଶୈବ ପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା।

ଶୈବ ପରମ୍ପରା ଅନୁଯାୟୀ, କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ଯିବା ପରେ ବରପିତା ପୂର୍ଣ୍ଣଚନ୍ଦ୍ରଙ୍କ ଘରୁ ପୂର୍ବରୁ ସ୍ଥାପିତ ହୋଇଥିବା ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ପାଲିଙ୍କିରେ ବସାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଘଣ୍ଟପାଟୁଆ ଓ ପାରମ୍ପରିକ ବାଦ୍ୟ ଏବଂ ଲୋକନୃତ୍ୟରେ କନ୍ୟାପିତା ରାଜନଗର ଗାଁର ବିଷ୍ଣୁ ଚରଣଙ୍କ ଘରକୁ ନିଆଯାଇଥିଲା। ଏହି ବିବାହ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ରେସୋ, ସଂସାରଫଳ, ମଦନପୁର, ଗୋପାଳପୁର, ତ୍ରିନାଥ ବଜାର, ନୁରୁଗାଁ, ସୁଆଁଲ, କୁନ୍ଦୁପୁର, ରାଜନଗର ଗାଁ, ରାଜନଗର ବଜାର ପ୍ରଭୃତି ପରିକ୍ରମା କରିଥିଲେ। ଠାକୁରଙ୍କ ପରିକ୍ରମା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ଶିବ ଜଣାଣ, ବିଭିନ୍ନ ବାଦ୍ୟର ଝଙ୍କାର, ରଙ୍ଗ ବେରଙ୍ଗର ଆଲୋକମାଳା, ଆତସବାଜି ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଗ୍ରାମ ପରିକ୍ରମା ସମୟରେ ଗୃହିଣୀମାନେ ଦେବଦମ୍ପତିଙ୍କୁ ଧୂପ, ଦୀପ ଏବଂ ନୈବେଦ୍ୟ ଅର୍ପଣ କରିଥିଲେ। ବିଳମ୍ବିତ ରାତ୍ରିରେ ବର ଓ ବଧୂ ବେଶରେ ଦେବଦମ୍ପତି ମନ୍ଦିର ବେଢାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଅକ୍ଷୟ ମିଶ୍ର, ଅଭୟ କୁମାର ମିଶ୍ର, ହର କୁମାର ମିଶ୍ର, ବୀରକିଶୋର ଦାଶ, ପ୍ରମୋଦ କୁମାର ପାଣି ପ୍ରମୁଖ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ବୈଦିକ ରୀତିନୀତିରେ ସମାପନ କରିଥିଲେ। ଏହାକୁ ଦେଖିବାକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶୀତଳଷଷ୍ଠୀ ପୂଜା କମିଟି ଓ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ରବିବାର ଦେବଦମ୍ପତିଙ୍କୁ ସୁସଜ୍ଜିତ ଯାନରେ ପଟ୍ଟାମୁଣ୍ଡାଇ, ମଦନପୁର, ଗୋପାଳପୁର, ଚମ୍ପାଦିଆ ପ୍ରଭୃତି ଅଞ୍ଚଳ ପରିକ୍ରମା କରାଯାଇଥିଲା।



ଗର୍ତ୍ତେଶ୍ୱରଙ୍କ ମନ୍ଦିରରେ ଶୀତଳଷଷ୍ଠୀ ଅବସରରେ ପଣ୍ଡିତମାନେ ଦେବଦମ୍ପତିଙ୍କ ବିବାହ କରାଯାଉଛି।

## ସଂକ୍ଷେପରେ

### ପୃଥିବୀର ସୁରକ୍ଷା ପାଇଁ ସବୁ କ୍ଷେତ୍ରରେ ଉଦ୍ୟମ ଜରୁରୀ’



ପାରାଦୀପ, ୫।୬(ସ୍ୱ.ପ୍ର.): ପାରାଦୀପ ଫସଫେଟସ ଲିମିଟେଡ୍( ପିପିଏଲ)ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍ପକ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ, ଜଗନ୍ନାଥ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ମାନବ ସଭ୍ୟତାର ସୁରକ୍ଷା କବଚ ପୃଥିବୀ ଏବେ ରୋଗାକ୍ରାନ୍ତ। ତା’ର ସୁରକ୍ଷା ପାଇଁ ସମସ୍ତେ ଉଦ୍ୟମ କରିବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗୃହୀତ

ରାହାମା,୫।୬(ଡି.ଏନ.ଏ.): କୁଜଙ୍ଗ ବ୍ଲକ ରାହାମାସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ପ୍ରତାପ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା, ସାମାଜିକ କର୍ମୀ ଡ.ସୁନାକର ବେହେରା,ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ ଓ ଟ୍ରଷ୍ଟର ଅଧକ୍ଷ ପ୍ରତାପ କୁମାର ମହାପାତ୍ର, ଉପାଧକ୍ଷ ଦେବାଶିଷ ଅକ୍ଷୟ୍ କୁମାର ମହାନ୍ତି ଓ ସମାଜସେବୀ ଆଶୁତୋଷ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ରେଡ୍‌କ୍ରସ ବ୍ଲଡ୍ ବ୍ୟାଙ୍କ କଟକର ଡାକ୍ତର ସେନସାଷ୍ଟୁ ଶତପଥୀ, ସନ୍ଦୀପ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ ଓ ରମେଶ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ କରାଯାଇଥିଲା।

### ପ୍ରିୟବ୍ରତ ମିଶ୍ର ବିରିଡି ବ୍ଲକ କଂଗ୍ରେସ ସଭାପତି

ବାଲିଆ,୫।୬: ବିରିଡି ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ରବିବାର ପ୍ରିୟବ୍ରତ ମିଶ୍ରଙ୍କୁ ମନୋନୀତ କରାଯାଇଛି। ତ୍ରିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ନେତା ହିମାଂଶୁ ମଲ୍ଲିକଙ୍କ ଆବାହକତ୍ତ୍ୱରେ ହାଜିପୁରସ୍ଥିତ ପ୍ରମିଳା ମଣ୍ଡପରେ ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ନଟବର ବାରିକ ଅଧକ୍ଷତା କରିଥିଲେ। ଏଥିରେ ସର୍ବସମ୍ମିତ କ୍ରମେ ମିଶ୍ରଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଲିଙ୍ଗରାଜ ମଲ୍ଲ, ଅଶୋକ ସିଂ, ଦୀପକ ପଶାୟତ, ଅଶୋକ ଜେନା, ଭାଗ୍ୟଧର ଜେନା, ସୁଭେନ୍ଦ୍ରକାନ୍ତ ରାଉତରାୟ, ସତ୍ୟଜିତ୍ ମହାନ୍ତି ଓ ବଳରାମ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ସିଆରସିସି ନିଯୁକ୍ତିରେ ବିଳମ୍ବ: ପିଲାଙ୍କ ପାଠପଢ଼ା ଦିଗହରା

ନାଉଗାଁ,୫।୬(ସ୍ୱ.ପ୍ର)

ବ୍ଲକ ଗୁଡ଼ିକରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ଶିକ୍ଷାଦାନ ଆଦିକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭନ୍ନ କ୍ଲଷ୍ଟରରେ ବିଭକ୍ତ କରାଯାଇ ସିଆର୍‌ସିସିମାନଙ୍କୁ ନିଯୁକ୍ତି କରାଯାଇଛି। ନାଉଗାଁ ବ୍ଲକରେ ୨୦୨୧ରୁ ୫ ସିଆରସିସିଙ୍କ କାର୍ଯ୍ୟକାଳ ସରିଯାଇଥିବାରୁ ଏଠାରେ ପିଲାଙ୍କ ପାଠପଢ଼ା କିପରି ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୨୦୨୧ରୁ ୫ କ୍ଲଷ୍ଟରରେ ଖାଲିପଡିଛି

ଏହି ବ୍ଲକରେ ସମୁଦାୟ ୭୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏସବୁ ବିଦ୍ୟାଳୟକୁ ସୁପରିଚାଳନା କରିବା ପାଇଁ ୯ଟି କ୍ଲଷ୍ଟରରେ ବିଭକ୍ତ କରାଯାଇ ୯ ଜଣ ସିଆରସିସିଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କ କାର୍ଯ୍ୟକାଳ ୫ ବର୍ଷ ସ୍ଥିରୀକୃତ କରାଯାଇଛି। ୨୦୨୧ରେ କାର୍ଯ୍ୟକାଳ ପୂରଣ କରିଥିବା ସିଆର୍‌ସିସିମାନେ ହେଲେ ଅଙ୍ଗେଶ୍ୱରପଡା କ୍ଲଷ୍ଟର ଶରତ ଚନ୍ଦ୍ର ରାଉତ, ବାଣୀପୀଠ ପଞ୍ଚାୟତ ଜାମୁଦଣ୍ଡାର ରୁଦ୍ର ପ୍ରସାଦ ସ୍ୱାଇଁ, କୋରୁଅ ଉ.ପ୍ରା ସ୍କୁଲ କ୍ଲଷ୍ଟର କାଳନ୍ଦି ଚରଣ ବିଶ୍ୱାଳ, ଗଙ୍ଗଦା ଉ.ପ୍ରା ସ୍କୁଲ କ୍ଲଷ୍ଟରର ଫକୀର ଚରଣ ସ୍ୱାଇଁ ଓ କଣ୍ଟୁଣିଆ ନୋଡାଲ ହାଇସ୍କୁଲ କ୍ଲଷ୍ଟରର ପ୍ରଦୀପ କୁମାର ସ୍ୱାଇଁ। ସେମାନେ ଏବେବି ଦାୟିତ୍ୱ ଥିଲେ ମଧ ସମ୍ପୃକ୍ତ କ୍ଲଷ୍ଟରଗୁଡ଼ିକରେ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟକୁ ଆସୁ ନ ଥବା ସାଧାରଣରେ ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ନୂତନ ସିଆରସିସିମାନଙ୍କୁ ନିଯୁକ୍ତି ଦେବାପାଇଁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ କହିଛନ୍ତି, ନୂତନ ସିଆରସିସି ନିଯୁକ୍ତି ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଛି। ସେଠାରୁ ନିର୍ଦ୍ଦେଶ ଆସିଲେ ପରବର୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ।

# ପ୍ରଶାନ୍ତ ମୁଦୁଲି ସରକାରୀ ଦଳ ମୁଖ୍ୟ ସଚେତକ

ଭୁବନେଶ୍ୱର, (ବ୍ୟୁରୋ)/ ଜଗତ୍‌ସିଂହପୁର ଅଫିସ,୫।୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ମନ୍ତିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲାରୁ କାହାରିକୁ ସ୍ଥାନ ମିଳିନାହିଁ। ହେଲେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ଦିଆଯାଇଛି। ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜଗତ୍‌ସିଂହପୁର ଏକ ଶିକ୍ଷିତ ଜିଲା ଭାବେ ପରିଚିତ। ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ଆଗୁଆ। ଏହି ମାଟିରୁ ଜନ୍ମ ଗ୍ରହଣ କରି ନବକୃଷ୍ଣ ଚୌଧୁରୀ ଜଣେ ଆଦର୍ଶ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳରେ ଜଗତ୍‌ସିଂହପୁର ଜିଲାର ରାଜନେତାମାନେ ପ୍ରଭାବ ବିସ୍ତାର କରି ଆସିଛନ୍ତି। କିନ୍ତୁ ନୂଆ ମନ୍ତ୍ରିମଣ୍ଡଳରେ ଜଗତ୍‌ସିଂହପୁରର ଜଣେ ବି ବିଧାୟକଙ୍କୁ ମନ୍ତ୍ରୀ ପଦ ନ ମିଳିବା ନେଇ ଜିଲାରେ ନାନା ଆଲୋଚନା ହେଉଛି।

୧୯୭୭ ବିଧାନସଭା ନିର୍ବାଚନରେ (୧୯୭୭-୧୯୮୦) ତିର୍ତ୍ତୋଲ ବିଧାନସଭା



ଆସନରୁ ପ୍ରତାପ ଚନ୍ଦ୍ର ମହାନ୍ତି ଜନତା ପାର୍ଟିରୁ ପ୍ରାର୍ଥୀ ହୋଇ ଜିତିବା ସହ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ତାଙ୍କୁ ଶକ୍ତି, ରାଜସ୍ୱ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ଆଦି ବିଭାଗ ମିଳିଥିଲା। ସେହିଥର ଜନତା ପାର୍ଟିରୁ ଡା. ଦାମୋଦର ରାଉତ ଏରସମା ଆସନରୁ ପ୍ରାର୍ଥୀ ହୋଇ ଜିତିଥିଲେ। କେବଳ ଏତିକି ନୁହେଁ, ମନ୍ତ୍ରୀ ମଧ ହୋଇଥିଲେ। ୧୯୮୦ ବିଧାନସଭା (୧୯୮୦-୧୯୮୫) ନିର୍ବାଚନରେ ବାଲିକୁଦା ଆସନରୁ ବାସୁଦେବ ମହାପାତ୍ର କଂଗ୍ରେସରୁ ପ୍ରାର୍ଥୀ ହୋଇ ଜିତିବା ସହ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ସେତେବେଳେ ତାଙ୍କୁ କୃଷି, ସମବାୟ, ରାଜସ୍ୱ ଓ ପରିବହନ ବିଭାଗ ମିଳିଥିଲା। ଏହି ସମୟରେ ବସନ୍ତ ବିଶ୍ୱାଳ

## ମନ୍ତ୍ରୀ ପଦ ହରାଇଲା ଜଗତ୍‌ସିଂହପୁର

ମଧ ରାଷ୍ଟ୍ର ମନ୍ତ୍ରୀ ଥିଲେ। ସେତେବେଳେ ତାଙ୍କୁ ସୁପର ଚିଫ୍ ମିନିଷ୍ଟର କୁହାଯାଉଥିଲା। ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଜିଲାରୁ କେହି ମନ୍ତ୍ରୀ ପଦ ପାଇ ନ ଥିଲେ। ତା’ପରେ ଅର୍ଥାତ୍ ୧୯୯୦ ବିଧାନସଭା (୧୯୯୦-୧୯୯୫) ନିର୍ବାଚନରେ ଡା. ରାଉତ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ବସନ୍ତ ବିଶ୍ୱାଳ ମଧ ବିରୋଧୀ ଦଳ ନେତା ଆସନ ଅଳଙ୍କୃତ କରିଥିଲେ। ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ବିଶ୍ୱାଳ ଉପ ମୁଖ୍ୟମନ୍ତ୍ରୀ ହେବାର ଗୌରବ ହାସଲ କରିପାରିଥିଲେ। ୨୦୦୦, ୨୦୦୪, ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନରେ ଡା. ରାଉତ ଜିତିବା ସହ କ୍ୟାବିନେଟ୍ ମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ଏହା ଭିତରେ ଅର୍ଥାତ୍ ୨୦୦୭ରେ ବିଷ୍ଣୁ ଚରଣ ଦାସ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିଲେ। ୨୦୧୯ରୁ ବାଲିକୁଦା-ଏରସମା ଆସନରୁ ରଘୁନନ୍ଦନ ଦାସ ବିଧାୟକ ହୋଇ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ।

# ୧୦ରୁ ଗୋରେଖନାଥ ପୀଠରେ ମାନସିକ ରୋଷେଇ



ବୈଠକରେ ଉପସ୍ଥିତ ପୀଠ ଅଧିକାରୀ ଓ ସେବକମାନେ।

ରଘୁନାଥପୁର,୫।୬(ଡି.ଏନ୍.ଏ.)

କରୋନା ମହାମାରୀ ଯୋଗୁ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ଦୀର୍ଘ ୩୮ ମାସ ଧରି ଭକ୍ତଙ୍କ ପାଇଁ ମାନସିକ ରୋଷେଇ ବନ୍ଦ ରହିଥିଲା। ଜୁନ ୧୦ରୁ ଏହାକୁ ପୁନର୍ବାର ଚାଲୁ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେବାୟତମାନେ ପୂର୍ବରୁ ଏ ସମ୍ପର୍କରେ ଲିଖିତ ଭାବେ ପୀଠର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ରବିବାର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ପୌରୋହିତରେ ଏନେଇ ପୀଠ କାର୍ଯ୍ୟାଳୟରେ ଏକ ବୈଠକ ଆୟୋଜନ

## କରୋନା ମହାମାରୀ ପାଇଁ ୩୮ ମାସ ବନ୍ଦ ରହିଥିଲା

କରାଯାଇଥିଲା। ଏଥିରେ ଛପଡା ସରପଞ୍ଚଙ୍କ ସ୍ୱାମୀ ନିରାକାର ଖୁଣ୍ଟିଆ, ସମିତିସଭ୍ୟ ରଞ୍ଜନ କୁମାର ସ୍ୱାଇଁ, ସେବକ ଦିଲୀପ ପଣ୍ଡା, ନିରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଣ୍ଡା, ବୁଦ୍ଧିଜୀବୀ ପ୍ରମୋଦ ମହାନ୍ତି, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତ ଓ ପ୍ରଶାନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ମାନସିକ ରୋଷେଇ ପାଇଁ ଇଚ୍ଛୁକ ଶ୍ରଦ୍ଧାଳୁ ତିନିଦିନ ପୂର୍ବରୁ ପୀଠ କାର୍ଯ୍ୟାଳୟରେ ପହଞ୍ଚି ନିଜର ଆଧାର କାର୍ଡ ଦେଖାଇ ରସିଦ କାଟିବେ। ଏଥିପାଇଁ ତାଙ୍କୁ ପ୍ରତି ପ୍ରସାଦ ପିଛା ୫ ଟଙ୍କା ଲେଖାଏ ପୈଠ କରିବାକୁ ପଡିବ। କେବଳ ରୋଷେଇ ବାବଦ ଦେୟକୁ ଛାଡି ଅନ୍ୟ ସମସ୍ତ ଖର୍ଚ୍ଚ ଶ୍ରଦ୍ଧାଳୁ ବହନ କରିବେ ବୋଲି ଅଧିକାରୀ ପରିଜା ବୈଠକରେ ପ୍ରକାଶ କରିଛନ୍ତି। ଗୋଟିଏ ଦିନରେ ସର୍ବାଧିକ ଦୁଇ ହଜାର ଲୋକଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ପାଇଁ କରିବାକୁ ଅନୁମତି ମିଳିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏଥିସହ ପୀଠରେ ଥିବା ପୁରୁଣା ଭୋଗ ଦୋକାନ, ରୋଷଗୃହ, ଦୀପ ଦୋକାନ, ପୋଖରୀ ପୁନରୁଦ୍ଧାର, ଡ୍ରେନେଜ ସମସ୍ୟା ଓ ପୀଠର ଭଗ୍ନ ପାକଶାଳା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।।

## ସାମାଜିକକର୍ମୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରଘୁନାଥପୁର,୫।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଜଗନାଥପୁର ଗ୍ରାମର ସାମାଜିକ କର୍ମୀ ଦୁର୍ଯ୍ୟୋଧନ ଖୁଣ୍ଟିଆ(୫୩)ଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଘରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ବାଟରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିଲା। ସେ ଅସହାୟ, ନିରାଶ୍ରୟ ଓ ବୃଦ୍ଧାବୃଦ୍ଧଙ୍କୁ ନ୍ୟାୟ ଦେବା ପାଇଁ ସର୍ବଦା ଆଗେଇ ଆସୁଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପରିବେଶ ସଂକ୍ରାନ୍ତୀୟ ଆଲୋଚନା ଚକ୍ର, କବିତା ପାଠୋତ୍ସବ

କୁଜଙ୍ଗ, ୫।୬ (ଡି.ଏନ୍.ଏ.): ବିଶ୍ୱ ପରିବେଶ ଦିବସ ଅବସରରେ କୁଜଙ୍ଗର ଅଗ୍ରଣୀ ସାହିତ୍ୟ ସଙ୍ଗଠନ ଅଗ୍ରଦୂତ ପକ୍ଷରୁ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ କୁଜଙ୍ଗ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଦୂତର ସମ୍ପାଦକ ଅନଙ୍ଗ ମହାପାତ୍ରଙ୍କ ସଂଯୋଜନା ଓ ସଙ୍ଗଠନର ସଭାପତି ବାବୁରାମ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ କବି ପୀତାମ୍ବର ତରାଇ ଯୋଗଦେଇ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ସହ ଜଙ୍ଗଲ କ୍ଷୟଯୋଗୁ ଦିନକୁ ଦିନ ତାପମାତ୍ରା ବଢି ଚାଲିଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ବୃକ୍ଷରୋପଣ ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠାନ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା। ପରେ ଜିତେନ୍ଦ୍ରିୟ ରାଉତଙ୍କ ସଂଯୋଜନାରେ ପରିବେଶ ସୁରକ୍ଷା ଉପରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବି ନବୀନ ପ୍ରଧାନ, ମଞ୍ଜୁଶ୍ରୀ ପ୍ରଧାନ, ମାନସୀ ସ୍ୱାଇଁ, ଅଧାପକ ନିରଞ୍ଜନ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଯାଜପୁର ରୋଡ,୫।୬(ଡି.ଏନ.ଏ.)

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ସାପଗାଡ଼ିଆରେ ରବିବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମହିଳା ଜଣକ ହେଲେ ସାବିତ୍ରୀ ବାନରା(୨୮)। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିଛନ୍ତି। ଏନେଇ ଯାଜପୁର ରୋଡ ଥାନାରେ ୧୧୮/୨୦୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବାଲିଆ,୫।୬

ବିରିଡି ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଅଳକା ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଯୁକ୍ତ ୨ ଭାରପ୍ରାପ୍ତ ଅଧକ୍ଷ ରୁଦ୍ରନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ରସାୟନ ବିଜ୍ଞାନର ମୁଖ୍ୟ ଡଃ ଅକ୍ଷୟ କୁମାର ଭଦ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପରିବେଶ ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରିଥିଲେ। ମୁଖ୍ୟଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧାପକ ଅଶୋକ କୁମାର ଲେଙ୍କା ଯୋଗଦେଇ ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଆ ବିଭାଗ ଅଧାପକ ସୌମ୍ୟରଞ୍ଜନ

## ଅଳକା ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

ପଣ୍ଡା ଓ ସଂସ୍କୃତ ବିଭାଗ ଅଧାପିକା ମମତା ବେହେରା ଯୋଗଦେଇ ପରିବେଶ ସଚେତନତାର ବାର୍ତ୍ତା ଉପସ୍ଥାପନା କରିଥିଲେ। ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ପରିବେଶବିତ୍ ସୁଧୀର କୁମାର ଜେନା ପ୍ରକୃତି ଉପାସନାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରଞ୍ଜନ କୁମାର ସାହୁ, ଜଗନ୍ନାଥ ଦାଶ, ସୁକାନ୍ତ କୁମାର ଦାସ, ଜଗନ୍ନାଥ ଜେନା, ସାଗର ରଞ୍ଜନ ଦାଶ, କରୁଣାକର ରାଉତ୍, ରିନା ଓଝା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧାପିକା ମମତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ଦେବଦମ୍ପତିଙ୍କ ବିବାହ

କୁଜଙ୍ଗ/ବିରିଡି, ୫।୬ (ଡି.ଏନ୍.ଏ.)

କୁଜଙ୍ଗ ଅନ୍ତର୍ଗତ ବାଲିଆସ୍ଥିତ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଶୀତଳ ଷଷ୍ଠୀ ତିଥିରେ ମହାଦେବ କଣ୍ଟକେଶ୍ୱର ଓ ମା’ଭବାନୀଙ୍କ ବିବାହ ବିଧି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରପକ୍ଷଭାବେ ପାଟପୁରର ରମେଶ ଚନ୍ଦ୍ର ସାହୁ ଓ କନ୍ୟାପକ୍ଷ ଭାବେ ଭାଗୀରଥି ସାହୁ ଯୋଗଦେଇଥିଲେ। ଏହି ଉତ୍ସବକୁ ଲକ୍ଷ୍ମୀନାରାୟଣ ଚାରିଟେବଲ ଟ୍ରଷ୍ଟର ଅଧକ୍ଷ ଭରତ ସ୍ୱାଇଁ, ସମ୍ପାଦକ ଇନ୍ଦ୍ରମଣି ସ୍ୱାଇଁ, ଅଜୟ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରଞ୍ଜନ ଦାସ, ବୈକୁଣ୍ଠ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ ଜଗନ୍ନାଥପୁରର ବାବା ଚମ୍ପେକେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବିନ୍ଦ୍ର ନାଥ, ଅକ୍ଷୟ ନାଥ ଓ ଦୀପକ ନାଥ ପ୍ରମୁଖ ସହଯୋଗ କରିଥିବା ବେଳେ ଅରୁଣ ନାଥ କର୍ତ୍ତା ହୋଇଥିଲେ। ସେହିପରି ବିରିଡି ବ୍ଲକ ଅନ୍ତର୍ଗତ ଚାନ୍ଦପୁରସ୍ଥିତ କଦମ୍ବେଶ୍ୱର ମହାଦେବଙ୍କ ପୀଠରେ ଶିବ ବିବାହ ଉତ୍ସବ ଶନିବାର



ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାତଃରୁ ମନ୍ଦିରରେ ରୁଦ୍ରାଭିଷେକ, ଶତରୁଦ୍ର ପାଠ ହୋଇଥିଲା। ଏହି ଉତ୍ସବରେ କନ୍ୟା ବାପା ଭାବେ ଅକ୍ଷୟ କୁମାର ଓ ବର ବାପା ଭାବେ ଶୁଭେନ୍ଦୁ ପଣ୍ଡା ଯୋଗଦେଇ ନୀତି ସମ୍ପାଦନା କରିଥିଲେ। ରାତିରେ ବିବାହ ସମ୍ପନ୍ନ ହେବାପରେ ଶିବ ପାର୍ବତୀଙ୍କୁ ମନ୍ଦିରରେ ପ୍ରବେଶ କରାଯାଇଥିଲା। ମନ୍ଦିର ପୂଜକ ରାମଚନ୍ଦ୍ର ନାୟକଙ୍କ ସମେତ ସେବକ ନିରଞ୍ଜନ ନାୟକ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଅଲେଖ ନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

ଜାତୀୟ ସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ
ଭାରତର ପ୍ରମୁଖ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ପ୍ରଦର୍ଶନୀ ଏବଂ ବିକ୍ରୟ
ସ୍ଥାନ
ଏକାମ୍ରହାଟ, ୟୁନିଟ୍-୩, ଭୁବନେଶ୍ୱର
ତାରିଖ
ତା ୦୬/୦୬/୨୦୨୨ ଠାରୁ ୧୫/୦୬/୨୦୨୨, ସକାଳ ଘ. ୧୦ ରୁ ରାତ୍ର ଘ. ୯ ପର୍ଯ୍ୟନ୍ତ
ଶୁଭ ଉଦ୍‌ଘାଟକ
ଶ୍ରୀଯୁକ୍ତ ଶ୍ୟାମଭକ୍ତ ମିଶ୍ର, ଓ.ପ୍ର.ସେ., (ବରିଷ୍ଠ ପ୍ରଶାସନିକ ବର୍ଗ)
ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ଉକ୍ତ ପ୍ରଦର୍ଶନୀକୁ ତା ୦୬.୦୬.୨୦୨୨ ରିଖ ସନ୍ଧ୍ୟା ଘ.୬ ରେ ଉଦ୍‌ଘାଟନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି।
ବହୁସଂଖ୍ୟାରେ ପରିବାର ଓ ବନ୍ଧୁ ପରିଜନମାନଙ୍କ ସହ ଉପସ୍ଥିତ ରହି ପ୍ରଦର୍ଶନୀ ଉପଭୋଗ କରିବା ନିମନ୍ତେ ଅନୁରୋଧ।
ପ୍ରାୟୋଜକ
ଭାରତ ସରକାର, ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ବିଭାଗ, ନୂଆଦିଲ୍ଲୀ
ଆୟୋଜକ
ଡ୍ରୋଭ୍, ଅନୁଗୋଳ

# ‘ସବୁ ପରିବାରକୁ ସୂତା ବ୍ୟାଗ ଦିଆଯିବ’

## ପାରାଦୀପ ବନ୍ଦରରେ ବିଶ୍ୱ ପରିବେଶ ଦିବସ

ପାରାଦୀପ, ୫।୬(ସ୍ୱ.ପ୍ର.):

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏଥିରେ କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ (ସ୍ୱାଧୀନ)ଶାନ୍ତନୁ ଠାକୁର ଯୋଗ ଦେଇଥିଲେ। ମଧ୍ୟାହ୍ନରେ ସେ ପାରାଦୀପରେ ପହଞ୍ଚିବା ପରେ ତାଙ୍କୁ ଜବାହର ଅତିଥି ଭବନରେ ଗାର୍ଡ ଅଫ ଅନର ଦିଆଯାଇଥିଲା। ପରେ ମନ୍ତ୍ରୀ ମଧୁବନରୁ ବୃନ୍ଦାବନ କଲୋନୀକୁ ସଂଯୋଗ କରୁଥିବା ନୂତନ ରାସ୍ତାକୁ ଉଦ୍‌ଘାଟନ କରିଥିଲେ। ବନ୍ଦର ନିଷିଦ୍ଧାଞ୍ଚଳରେ ହେବାକୁ ଥିବା ଟ୍ରକ ପାର୍କିଂ ୟାର୍ଡର ଶିଳାନ୍ୟାସ କରିଥିଲେ। ଉକ୍ତ ୟାର୍ଡ ୩୨୯୭୫ ବର୍ଗମିଟର ହେବ। ଏଥିପାଇଁ ୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ମନ୍ତ୍ରୀଙ୍କୁ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ସ୍ୱାଗତ କରିଥିଲେ।




ଟ୍ରକ ପାର୍କିଂ ୟାର୍ଡର ଶିଳାନ୍ୟାସ ଅବସରରେ ଜାହାଜ ଚଳାଚଳ ମନ୍ତ୍ରୀ ଶାନ୍ତନୁ ଠାକୁର ଓ ଅନ୍ୟମାନେ।

ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ସଂଗଠନପକ୍ଷରୁ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମନ୍ତ୍ରୀ ଠାକୁର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବନ୍ଦର ଅଧକ୍ଷ ହାରାନ୍ଧ, କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ପଦ୍ମା ମହାନ୍ତି, ମଧୁସୂଦନ ଦାସ, ଗୋବର୍ଦ୍ଧନ ପୀଠର ଗବେଷକ ମାତୃପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାରେ ମନ୍ତ୍ରୀ ଠାକୁର ଘୋଷଣା କରିଥିଲେ, ପାରାଦୀପର ସବୁ ପରିବାରକୁ ସୂତା ବ୍ୟାଗ ଦିଆଯିବ। ପଲିଥିନ ବ୍ୟବହାର ବିଶ୍ୱ ପାଇଁ ଘାତକ ବୋଲି ସେ କହିଥିଲେ। ଏତଦ୍‌ବ୍ୟତୀତ ପାରାଦୀପ ବନ୍ଦର ପ୍ରତିବର୍ଷ ୧ ଲକ୍ଷ ଗଛ ଲଗାଇବ। ଏଥିସହ ଏଠାରେ ଏକ ଔଷଧୀୟ ବଗିଚା (ଆୟୁଷ ଗାର୍ଡେନ)କରାଯିବ। ଆସନ୍ତା ୨୦୭୦ ମସିହା ସୁଦ୍ଧା ଗ୍ରୀନ ଭାରତ ହେବ ବୋଲି ମନ୍ତ୍ରୀ କହିଥିଲେ।

ବୟନିକା ଦ୍ୱାରା ଆୟୋଜିତ
-୬୬ ବର୍ଷର ଉତ୍କର୍ଷ-
ଜିଲ୍ଲା ହସ୍ତତନ୍ତ ମେଳା
ସ୍ଥାନ - କଲେକ୍ଟୋରେଟ୍ ପଡ଼ିଆ, ଜଗତସିଂହପୁର
ସ୍ୱତନ୍ତ୍ର ରିହାତି
୧୦%+୨୦%
ବୟନିକା ଷ୍ଟଲରେ ଉପଲବ୍ଧ
ତା.୧୬.୦୬.୨୦୨୨ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୧.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ।
ଆକର୍ଷଣୀୟ ସରକାରୀ ରିହାତି
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଜପୁର ରୋଡ,୫।୬(ଡି.ଏନ.ଏ.):** ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ସାପଗାଡ଼ିଆରେ ରବିବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମହିଳା ଜଣକ ହେଲେ ସାବିତ୍ରୀ ବାନରା(୨୮)। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିଛନ୍ତି। ଏନେଇ ଯାଜପୁର ରୋଡ ଥାନାରେ ୧୧୮/୨୦୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଶ୍ୱ ପରିବେଶ ଦିବସ ପାଳିତ



**ଧର୍ମଶାଳା,୫।୬(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଜାରକା ପ୍ରଗତି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଶ୍ୱ ପରିବେଷ ଦିବସ ପାଳିତ ହୋଇଯାଇଛି। ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦେବବ୍ରତ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ କ୍ରୀଡ଼ାବିତ ଅମିୟ କୁମାର ପରିଡ଼ା, ମୁଖ୍ୟବକ୍ତା ଖବରଦାତା ମାନସ ରଞ୍ଜନ ଜେନା, ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ ବନୋଜିନୀ ପରିଡ଼ା ଓ ପାଖର ସରପଞ୍ଚ ସବ୍ୟସାଚୀ ଦାସ ଯୋଗଦେଇ ବିଶ୍ୱ ପରିବେଶ ଦିବସ ଉପରେ ଆଲୋପାତ କରିଥିଲେ। ଏହି ଅବସରରେ ଚାରାରୋପଣକୁ ନିଜର ପେଶାଭାବେ ଗ୍ରହଣ କରିଥିବା ପରିବେଶପ୍ରେମୀ ବିଜୟ କୁମାର ଦାସ, ଶତ୍ରୁଘ୍ନ ସ୍ୱାଇଁ, ମହେଶ୍ୱର ସ୍ୱାଇଁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୌଭାଗ୍ୟ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅବିନାଶ ସାହୁ ସୂଚନା ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମିନାକ୍ଷୀ ମହାପାତ୍ର, ପ୍ରଶାନ୍ତ ମଲିକ, ପଙ୍କଜ ମଲିକ, ସଂଗ୍ରାମ କେଶରୀ ପାଲ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

### ବୈଦ୍ୟନାଥ ପୀଠରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ

**ଯାଜପୁର ଟାଉନ,୫।୬(ଡି.ଏନ.ଏ.):** ଯାଜପୁର ସହରସ୍ଥ ବୈତରଣୀ ନଦୀ ଉତ୍ତରପାର୍ଶ୍ୱ ପଠାରେ ଅବସ୍ଥିତ ଶ୍ରୀଶ୍ରୀ ବାବା ବୈଦ୍ୟନାଥଙ୍କ ପୀଠରେ ଶୀତଳଷଷ୍ଠୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଯଥାବିଧି ରୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ବୈଦ୍ୟନାଥ ପୀଠରେ ବିଭିନ୍ନ ପୂଜାର୍ଚ୍ଚନା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୀଠର ମୁଖ୍ୟ ପୂଜକ ଲକ୍ଷ୍ମୀଧର ଦାସଙ୍କ ସହିତ ରବିନାରାୟଣ ପଣ୍ଡା, ଅକ୍ଷୟ କୁମାର ପଣ୍ଡା ଓ ଜ୍ଞାନରଞ୍ଜନ ଦାସ ପ୍ରମୁଖ ପୂଜକ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦେବଦମ୍ପତିଙ୍କ ବିରଳ ବିବାହ ଉତ୍ସବ ଦର୍ଶନ କରିବା ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶିବଶକ୍ତିଙ୍କ ଦର୍ଶନ ସହିତ ଭଜନ କୀର୍ତ୍ତନ ଓ ଦରିଦ୍ର ନାରାୟଣ ସେବା ଆଦିର ଆଧାତ୍ମିକ ଅନୁଭୂତି ନେଇ ଶ୍ରଦ୍ଧାଳୁମାନେ ବେଶ୍ ଖୁସିଥିବା ଲକ୍ଷ୍ୟ କରାଯାଇଥିଲା।

# ଚଣ୍ଡିଖୋଲ ଟ୍ରାଫିକ୍ ସମସ୍ୟା ସମାଧାନ ହେଉନି

**ଚଣ୍ଡିଖୋଲ,୫।୬(ଡି.ଏନ୍.ଏ.)**



ଚଣ୍ଡିଖୋଲ ଟ୍ରାଫିକ୍ ଛକ।

- ଚିନ୍ତା ବଢ଼ାଇଲାଣି ଦୁର୍ଘଟଣା
- ୨ କନଷ୍ଟେବଲ ସମ୍ଭାଳିଛନ୍ତି ଟ୍ରାଫିକ୍
- ଲାଇଟ୍ ବ୍ୟବସ୍ଥା ହୋଇ ପାରିନାହିଁ

ଯାଜପୁର ଜିଲାର ଏକମାତ୍ର ଟ୍ରାଫିକ୍ ଥାନା ଚଣ୍ଡିଖୋଲରେ ରହିଛି। ଏହା ୩ଟି ଜାତୀୟ ରାଜପଥର ମିଳନସ୍ଥଳ। ତେବେ ଏଠାରେ ଟ୍ରାଫିକ୍ ସମସ୍ୟା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ହେଲେ ତାହା ସମାଧାନ ହୋଇ ପାରୁନାହିଁ। ଗତ ୨ ତାରିଖରେ ଏହି ଟ୍ରାଫିକ୍ ଛକରେ ଏକ ବସ୍ ପଛରେ ମାରୁତି କାର୍ ଧକ୍କା ହେବାରୁ ୩ଜଣ ଗୁରୁତର ହୋଇ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଛକ ଉପରେ ୪ଟି ଦିଗରୁ ୮ଟି ରାସ୍ତା ପଡ଼ିଛି। ଯେଉଁଥି ପାଇଁ ଅଧିକ ସଂଖ୍ୟାରେ ଟ୍ରାଫିକ୍ ପୋଲିସ ରହିବାର ନିୟମ ରହିଛି। କିନ୍ତୁ ମାତ୍ର ଦୁଇ କନଷ୍ଟେବଲ ଏଠାରେ ଟ୍ରାଫିକ୍ ଚଳାଉଛନ୍ତି। ଏହି ଛକଟି ୧୬ନମ୍ବର ଜାତୀୟ ରାଜପଥ ଚେନ୍ନାଇ-କଲିକତା ଓ ୫୩ ନଂ. ଜାତୀୟ ରାଜପଥ ପାରାଦୀପ-କାକିନାଡ଼ା ପର୍ଯ୍ୟନ୍ତ ଯାଇଛି। ଦୈନିକ ଲକ୍ଷାଧିକ ଗାଡ଼ି ଏହି ଛକଦେଇ ଅତିକ୍ରମ କରିଥାନ୍ତି। ସେଥିପାଇଁ ଏଠାରେ ୨୦୧୧ରେ ଟ୍ରାଫିକ ଥାନା ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ଏକ ଭଡ଼ା ଘରେ ଥାନା ଚାଲୁଥିଲାବେଳେ ପରେ ୨୦୧୭ରେ ନିଜସ୍ୱ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇ ଟ୍ରାଫିକ୍ ଥାନା ଚାଲୁଛି। ଟ୍ରାଫିକ୍ ପୋଷ୍ଟଠାରୁ ଥାନାର ଦୂରତା ମାତ୍ର ୩ଶହ ମିଟର। ଏହାପରେ ବି ଏଠାରେ ଯାତାୟାତର ଦିଗ ଠିକ୍ ନିରୂପଣ ହେଉ ନ ଥିବା ହେତୁ ଦୁର୍ଘଟଣା ବୃଦ୍ଧି ପାଉଛି। ଚଣ୍ଡିଖୋଲରୁ ଛତିଆ ମଧ୍ୟରେ ଦୈନିକ ପ୍ରାୟ ଦୁର୍ଘଟଣା ଘଟିଥାଏ। ଏହି ଦୁର୍ଘଟଣା ରୋକିବା ପାଇଁ ଏଠାରେ ବାରମ୍ବାର ଜିଲାସ୍ତରୀୟ ବୈଠକ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନାହିଁ।

୨୦୧୯ରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଯାଜପୁର ଏସ୍‌ପିଙ୍କ ମିଳିତ ବୈଠକ ବସିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଟ୍ରାଫିକ ଲାଇଟ୍ ବ୍ୟବସ୍ଥା ହୋଇପାରିଲା ନାହିଁ। ଏଠାରେ ଜଣେ ଥାନା ଅଧିକାରୀ ରହିଥିବାବେଳେ ସେ ବିଭିନ୍ନ ସ୍ଥାନରେ ବୁଲି ମୋଟର ସାଇକେଲ ଆରୋହୀଙ୍କ ନିକଟରୁ କେବଳ ଜରିମାନା ଆଦାୟ କରିବାରେ ବ୍ୟସ୍ତ ରହୁଛନ୍ତି ବୋଲି ଅଭିଯୋଗ ହେଉଛି। ହେଲେ ଟ୍ରାଫିକ୍ ସମସ୍ୟା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ କେବେ ଆଲୋଚନା କରିନାହାନ୍ତି। ଚଣ୍ଡିଖୋଲ ଛକଟି ଏକ ପ୍ରମୁଖ ଛକ ହୋଇଥିବା ବେଳେ ଏଠାରେ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯାଉନାହିଁ। ୨୦୧୭ରେ ଟ୍ରାଫିକ୍ ଥାନା ଉଦ୍‌ଘାଟନ ସମୟରେ ତତ୍କାଳୀନ ପୋଲିସ ଡିଜି ଘୋଷଣା କରିଥିଲେ କି ଏହି ଟ୍ରାଫିକ୍ ଥାନାଟି ଜିଲାର ବିଭିନ୍ନ ଟ୍ରାଫିକ୍ ସମସ୍ୟା ସମାଧାନ କରିବ। ତେବେ ଜିଲା କଥା ଦୂରେ ଥାଉ କେବଳ ଚଣ୍ଡିଖୋଲ ଛକର ଟ୍ରାଫିକ୍ ସମସ୍ୟା ସମାଧାନ ଅଦ୍ୟାବଧି ହୋଇପାରୁନାହିଁ। ଏବେ ଟ୍ରାଫିକ୍ ଥାନାରେ ଜଣେ ଇନ୍ସପେକ୍ଟର ଥିଲାବେଳେ ଏସ୍‌ଆଇ କିମ୍ବା ଏଏସ୍‌ଆଇ ନାହାନ୍ତି। ମାତ୍ର ୬ଜଣ କନଷ୍ଟେବଲ ଓ ୬ଜଣ ହୋମଗାର୍ଡଙ୍କୁ ନେଇ ଥାନା ଚାଲିଛି। ଏ ସମ୍ପର୍କରେ ଟ୍ରାଫିକ୍ ଥାନାଧିକାରୀ ହୃଦାନନ୍ଦ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, କର୍ମଚାରୀ ଅଭାବ ଯୋଗୁ ସମସ୍ୟା ଉପୁଜୁଛି। ଯଦି ସରକାର ଅଧିକ କର୍ମଚାରୀ ଦିଅନ୍ତେ ତେବେ ଟ୍ରାଫିକ୍ ସମସ୍ୟା ସମାଧାନ ହୋଇପାରନ୍ତା।

## ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ନବୀକରଣ ପ୍ରକ୍ରିୟା ଆରମ୍ଭ

**ଯାଜପୁର ଟାଉନ,୫।୬(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା-୨୦୧୬, ଅଧିନିୟମ ୫(ସ) ଅନୁଯାୟୀ ଯାଜପୁର ଜିଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ନବୀକରଣ କରାଯିବ। ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଏହି ଆବେଦନ ପତ୍ରଗୁଡିକ ଉପଯୁକ୍ତ ଭାବେ ପୂରଣ ହୋଇ ଜୁନ ୨୫ ତାରିଖ ସୁଦ୍ଧା ପହଞ୍ଚିବା ଜରୁରୀ। ରାଜ୍ୟ ସରକାରଙ୍କ ମଞ୍ଜୁରୀପ୍ରାପ୍ତ ଗଣମାଧ୍ୟମଗୁଡିକର ପ୍ରତିନିଧିମାନେ ଏହି ଯୋଜନା ପାଇଁ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ। ଆବେଦନକାରୀ ସେମାନଙ୍କ ନାମ, ମିଡିଆ ହାଉସ୍‌ର ନାମ, କିପ୍ରକାରର ମିଡିଆ, ପରିବାର ସଦସ୍ୟଙ୍କ ନାମ, ଆବେଦନକାରୀଙ୍କ ସହିତ ସମ୍ପର୍କ, ଲିଙ୍ଗ, ଜନ୍ମ ତାରିଖ, ମୋବାଇଲ ନମ୍ବର ଏବଂ ଠିକଣା, କାର୍ଯ୍ୟ କରୁଥିବା ଅଞ୍ଚଳ ଯଥା ; ଜିଲା, ବ୍ଲକ, ଉପଖଣ୍ଡ, ପ୍ରତିନିଧି ଭାବେ ଉଲ୍ଲେଖ କରିବା ଜରୁରୀ। ଆବେଦନକାରୀଙ୍କ ସହ ତାଙ୍କର ସ୍ତ୍ରୀ ବା ସ୍ୱାମୀ ଓ ସନ୍ତାନମାନେ ଏହି ଭଳି ମୋଟ ୫ ଜଣ ସ୍ୱାସ୍ଥ୍ୟ ବୀମାରେ ସାମିଲ ହୋଇ ପାରିବେ। ଠିକ୍ ଓ ସ୍ପଷ୍ଟ ଭାବରେ ଆବେଦନ ପତ୍ରକୁ ପୂରଣ କରି, ପରିଚୟ ପତ୍ରର ନକଲ ସଂଲଗ୍ନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଦାଖଲ କରବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ୧୫୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ ଦାବି



ବୈଠକରେ ଉପସ୍ଥିତ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ କର୍ମକର୍ତ୍ତା।

**ରସୁଲପୁର,୫।୬(ଡି.ଏନ.ଏ.)**

**ନଚେତ୍ ଆନ୍ଦୋଳନକୁ ଓହ୍ଲାଇବ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ**

ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତର ମା' କ୍ଷେତ୍ରପାଳିନୀ ମନ୍ଦିର ପରିସରରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼ କରିବାକୁ ମଞ୍ଚ ଦାବି କରିଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ ବୋଲି କୁହାଯାଉଛି। ମାତ୍ର ଶକ୍ତି ନିଅଁଟିଆ ରାଜ୍ୟରେ ଗରିବ ଉପଭୋକ୍ତା ଓ ଚାଷୀଙ୍କୁ ସରକାର ମାଗଣାରେ ବିଜୁଳି ଯୋଗାଇ ଦେଉଛନ୍ତି। ହେଲେ ଓଡ଼ିଶା ରାଜ୍ୟରେ ତାହା କାହିଁକି ସମ୍ଭବପର ନୁହେଁ। ଏହାଛଡ଼ା ଏହି ରାଜ୍ୟରେ ଶତକଡ଼ା ୮୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଅଧିକାଂଶ ଚାଷୀଙ୍କ ନିଜସ୍ୱ ଜମି ନ ଥିବାରୁ ଭାଗଚାଷ କରୁଛନ୍ତି। ତେଣୁ ସେମାନଙ୍କୁ ବିଦ୍ୟୁତ କମ୍ପାନୀ ବିଭିନ୍ନ ଆଳରେ ଶୋଷଣ କରୁଛି। ସରକାର ଚାଷୀଙ୍କ ପ୍ରତି ଲୋକ ଦେଖାଣିଆ ଦରଦ ଦେଖାଉଛନ୍ତି। ମାତ୍ର ବାସ୍ତବରେ ଚାଷୀଙ୍କୁ ସଶକ୍ତ କରିବାକୁ କୌଣସି ବ୍ୟବସ୍ଥା କରୁନାହାନ୍ତି। ସରକାର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କ ବିଦ୍ୟୁତ୍ ବକେୟା ବିଲ ଛାଡ଼ କରୁଥିବା ବେଳେ ଗରିବ ଲୋକଙ୍କୁ ଶୋଷଣ କରାଯାଉଛି। ଏପରି କି ଟାଟା ପାୱାର କମ୍ପାନୀ ବିଦ୍ୟୁତ୍ ସରବରାହ ଦାୟିତ୍ୱ ନେବା ପରଠାରୁ ଶୋଷଣର ମାତ୍ରା ବଢ଼ିଚାଲିଛି। କମ୍ପାନୀ ବିଭିନ୍ନ ଆଳରେ ଗ୍ରାମାଞ୍ଚଳ ଗରିବ ଗ୍ରାହକଙ୍କୁ ଶୋଷଣ କରୁଛି। ତେଣୁ ଏସବୁକୁ ମଞ୍ଚ ବିରୋଧ କରୁଛି। ତେବେ ଗ୍ରାମାଞ୍ଚଳ ବିଦ୍ୟୁତ ଗ୍ରାହକଙ୍କୁ ୧୫୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ ନ କଲେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ମଞ୍ଚ ସମ୍ପାଦକ ସୁଦାମ ଚରଣ ରାଉତ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାମଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ଲାଲ ବିହାରୀ ନନ୍ଦି, ଶାନ୍ତନୁ କୁମାର ଶତପଥୀ, ମନମୋହନ ନନ୍ଦି, ଚୈତନ୍ୟ ସେଠୀ, ବେଣୁଧର ପଣ୍ଡା, ବିନୋଦ ସାହୁ, ହାଡ଼ିବନ୍ଧୁ ସାହୁ, ଜଳଧର ସେଠୀ ଓ ଅଚ୍ୟୁତ ରଣାଙ୍କ ସମେତ ବହୁ ସଦସ୍ୟ ବୈଠକରେ ଯୋଗଦେଇ ଉପରୋକ୍ତ ମତପ୍ରକାଶ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଗୁରୁତର ସମିତିସଭ୍ୟାଙ୍କ ମୃତ୍ୟୁ

**ଧର୍ମଶାଳା,୫।୬(ଡି.ଏନ.ଏ.)**

ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେଉଳପୁର ପଞ୍ଚାୟତର ସମିତିସଭ୍ୟା ନିରୁପମା ବାରିକ(୪୨)ଙ୍କ ରବିବାର ମୃତ୍ୟୁ ହୋଇଛି। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ନିରୁପମା ଗତ ଗୁରୁବାର ଧର୍ମଶାଳା ବ୍ଲକରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପୁତୁରାଙ୍କ ସହିତ ବାଇକ୍‌ରେ ଘରକୁ ଫେରୁଥିଲେ।

ଏହି ସମୟରେ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ପୁତୁରାଙ୍କ ମୃତ୍ୟୁ ହୋଇଥିବାବେଳେ ନିରୁପମା ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବଡ଼ଚଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ନିରୁପମା ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ସମିତିସଭ୍ୟା ଭାବେ ବିଜୟୀ ହୋଇଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ମହିଳା ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରେଇ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସନ୍ଧ୍ୟାରେ ତାଙ୍କ ମରଶରୀର ନିଜ ଗାଁ ନେଉଳପୁର ଆସିବା ପରେ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଜିଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ୍ର, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ବିଜେଡି କର୍ମୀ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## କଣ୍ଟାବଣିଆ ଗାଁରେ ଅଗ୍ନିକାଣ୍ଡ

**ଧର୍ମଶାଳା,୫।୬(ଡି.ଏନ.ଏ.)**

ଏକ ବିବାହ ଶୋଭାଯତ୍ରାରେ ବାଣ ଫୁଟି ଧର୍ମଶାଳା ତହସିଲ ଅନ୍ତର୍ଗତ ନେଉଳପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସାଇରା ବାନୁଙ୍କ ୨ ବଖରା ଘର ଜଳିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିବାହ ଶୋଭାଯାତ୍ରା ବାଣ ଫୁଟି ଏହି ଅଗ୍ନିକାଣ୍ଡ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏହି ଅଗ୍ନିକାଣ୍ଡରେ ୫୦ହଜାର ଟଙ୍କା ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି।

## ପ୍ରମିଳାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

**ସିଂହପୁର,୫।୬(ଡି.ଏନ.ଏ.)**

ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ରବିବାର ରାଜ୍ୟ ମନ୍ତ୍ରିମଣ୍ଡଳର କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏଥିସହିତ ତାଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବିଜେଡି ସଂଗଠକ କୈଳାସ ସେଠୀ, ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, ବିଞ୍ଝାରପୁର ଛାତ୍ର ବିଜେଡି ସଭାପତି ଲେଲିନ ଦାସ, ଜରି ସରପଞ୍ଚ ନନ୍ଦକିଶୋର ମଲିକ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ବିଜେଡି ସଂଗଠକ ବୈଷ୍ଣବ ଚରଣ ସାମଲ, ସୁଶାନ୍ତ ନାୟକ, ଫତେପୁର ପୂର୍ବତନ ସରପଞ୍ଚ ମମତା ପଲାଇଙ୍କ ସମେତ ବହୁ ଦଳୀୟ କର୍ମୀ ପ୍ରମିଳାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସପ୍ତମ ବେତନ ବ୍ୟବସ୍ଥାକୁ ବିରୋଧ

**ଯାଜପୁର ଟାଉନ,୫।୬(ଡି.ଏନ.ଏ.)**

ଯାଜପୁର ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତ୍ତକ ମହାବିଦ୍ୟାଳୟର ଯଥାକ୍ରମେ ୪୪୮ ଏବଂ ୬୬୨ ବର୍ଗର ଡେମୋନେଷ୍ଟ୍ରେଟର, ଲାଇବ୍ରେରିଆନ, ଶାରୀରିକ ଶିକ୍ଷକ, କିରାଣି, ଆଟେଣ୍ଡାଣ୍ଟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସରକାର ପ୍ରଣୀତ କରିଥିବା ସପ୍ତମ ବେତନ ବ୍ୟବସ୍ଥାକୁ ତୀବ୍ର ବିରୋଧ କରାଯାଇଛି। ଏନେଇ ଉପରୋକ୍ତ କର୍ମଚାରୀଙ୍କ ଏକ ବୈଠକ ଯାଜପୁର ଟାଉନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରଙ୍କ ଦ୍ୱାରା କରାଯାଉଥିବା ବୈମାତୃକ ମନୋଭାବ ପୋଷଣକୁ ପ୍ରତିବାଦ କରାଯିବା ସହିତ ହେବାକୁ ଥିବା ସପ୍ତମ ବେତନ ମୋଡାଲିଟିକୁ ପରିବର୍ତ୍ତନ ଦାବି କରାଯାଇଛି।

ପୂର୍ବରୁ ରାଜ୍ୟ ସରକାର ଉପରୋକ୍ତ ବୃତ୍ତିଧାରୀଙ୍କୁ ନେଇ ଗଠିତ ମିଳିତ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ସରକାରଙ୍କ ଦ୍ୱାରା ପ୍ରଣିତ ସପ୍ତମ ବେତନ ଆଧାରରେ ଅନୁଦାନ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଚଳିତବର୍ଷ ଜାନୁୟାରୀ ୧୧ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ସପ୍ତମ ବେତନ ପ୍ରଦାନ ପାଇଁ ଡିଗ୍ରୀ କଲେଜ ଓ ଯୁକ୍ତ ୨ କଲେଜ ପାଇଁ ଯେଉଁ ମୋଡାଲିଟି ପ୍ରକାଶ ପାଇଛି ତାହା ଉପରୋକ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ କ୍ଷତିଗ୍ରସ୍ତ କରିଛି। ଏଥିସହିତ ସେମାନଙ୍କ ପଦ ମର୍ଯ୍ୟାଦାକୁ ମଧ୍ୟ କ୍ଷତି ପହଞ୍ଚାଇଛି ବୋଲି ବୈଠକରେ ମିଳିତ ମଞ୍ଚ କର୍ମକର୍ତ୍ତା ତ୍ରିଲୋଚନ ପଣ୍ଡା, ଅନିଲ କୁମାର ପାଣି, ଅଭିମନ୍ୟୁ ସାମଲ, ଭବେଶ ନାୟକ, ପ୍ରଦୀପ୍ତ ସାହୁ, ଇନ୍ଦୁମତୀ ପଟ୍ଟନାୟକ, ମନ୍ମଥ ଜେନା, ଗୋକର୍ଣ୍ଣେଶ୍ୱର ବେହେରା, ଦେବପ୍ରସାଦ ନାୟକ, ରମେଶ ଗୋଛାୟତ, ଲକ୍ଷ୍ମୀଧର ମହାପାତ୍ର ଓ ଯୋଗେନ୍ଦ୍ର ବେହେରା ପ୍ରମୁଖ କ୍ଷୋଭ ପ୍ରକାଶ ପୂର୍ବକ କହିଛନ୍ତି। ତେବେ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ, ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ, ଗଣଶିକ୍ଷା ନିର୍ଦ୍ଦେଶକ ଏବଂ ବିଜେଡିର ସାଙ୍ଗଠନିକ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ୨୦୧୮ ଜାନୁୟାରୀ ୧ତାରିଖର ଆନୁମାନିକ ସପ୍ତମ ବେତନ ଅନୁଦାନକୁ ପରିବର୍ତ୍ତନ କରାଯାଇ ୨୦୨୨ ଜାନୁୟାରୀ ୧ତାରିଖରୁ ଅନୁଦାନ ପରିସରଭୁକ୍ତ କଲେ ନ୍ୟାୟୋଚିତ ପ୍ରାପ୍ୟ ପ୍ରଦାନ ହୋଇପାରିବ ବୋଲି ବୈଠକରେ ପ୍ରସ୍ତାବ ରଖାଯାଇଛି। ତେବେ ସରକାର ଯଦି ଏ ଦିଗରେ ଅଣଦେଖା କରନ୍ତି ତାହେଲେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମିଳିତ ମଞ୍ଚ ଚେତାବନୀ ଦେଇଛି।

# ଗଛ ବଞ୍ଚିଲେ, ଆମେ ବଞ୍ଚିବା

**ବିଶ୍ୱ ପରିବେଶ ଦିବସ ପାଳିତ**

**ଯାଜପୁର ଅଫିସ,୫।୬**



ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ଚାରାରୋପଣ କରାଯାଉଛି।




କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

ଯାଜପୁର ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ ଓ ଚାରା ବଣ୍ଟନ କରାଯିବ ସହ ପରିବେଶ ସୁରକ୍ଷା ଗୁରୁତ୍ୱାରୋପ କରାଯାଇଥିଲା।

**ଟାଟା ଷ୍ଟିଲ୍ କଳିଙ୍ଗନଗର**

ଟାଟା ଷ୍ଟିଲ୍ କାରଖାନା ପରିସରର ବିଭିନ୍ନ ସ୍ଥାନରେ ମୋଟ୍ ୫୦୦୦ ଚାରାରୋପଣ କରାଯାଇଛି। ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ବ୍ୟତୀତ ପରିବେଶ ଦୀର୍ଘସ୍ଥାୟିତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଚଳିତ ସପ୍ତାହର ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ସଚେତନତା ଅଧିବେଶନ ଏବଂ କର୍ମଚାରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପ୍ରମାଣପତ୍ର ଓ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଚିତ୍ରାଙ୍କନ ପ୍ରତିଯୋଗିତା ସମୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦୦ ଫଳ ଗଛ ଚାରା ବଣ୍ଟନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଜୁନ୍ ମାସସାରା ଏଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହେବ ଏବଂ ଟାଟା ଷ୍ଟିଲ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଏହାକୁ ଦୀର୍ଘସ୍ଥାୟିତ୍ୱ ମାସ ରୂପେ ପାଳନ କରାଯାଉଛି।

**କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି**

ରଗଡ଼ିସ୍ଥିତ ସରକାରୀ ବହୁମୁଖି ବୈଷୟିକ ଶିକ୍ଷା ଅନୁଷ୍ଠାନ ପରିସରରେ ବ୍ୟାପକ ଚାରା ରୋପଣ ଏବଂ ବଣ୍ଟନ କରାଯାଇଥିଲା। ସମିତି ସଭାପତି ଅଶ୍ୱିନୀ କୁମାର ଧଳ ଏକ ସାଧାରଣ ସଭା କରି ବୃକ୍ଷ ଆମ ଦୈନନ୍ଦିନ ଜିବନରେ କେତେ ଜରୁରୀ ସେ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ସଭାରେ କଲେଜର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି, ହଷ୍ଟେଲ ନିରୀକ୍ଷକ ଗୋପବନ୍ଧୁ ମହାରଣା, ଉମାକାନ୍ତ ନନ୍ଦ, ସରସ୍ୱତୀ ପାତ୍ର, କମଳ ମୁଖିଙ୍କ ସମେତ ସମସ୍ତ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମିତି କୋଷାଧ୍ୟକ୍ଷ ଶକ୍ତି ପ୍ରସାଦ ବିଶ୍ୱାଳ ଓ ସଦସ୍ୟ ସୁଜିତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଜିଲା ଆଇନ ସେବା ପ୍ରାଧିକରଣ**

ସ୍ଥାନୀୟ ମଟରଙ୍ଗାପାଳ ସ୍ଥିତ ନୂତନ କୋର୍ଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିରଜା ଆଇନ ମହାବିଦ୍ୟାଳୟ, ଯାଜପୁରର ଛାତ୍ରୀଛାତ୍ରଙ୍କୁ ନେଇ ଅନଲାଇନ୍ ମାଧ୍ୟମରେ ଏକ ଆଇନ ସଚେତନତା ଶିବିର ହୋଇଥିଲା। ଏଥିରେ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ପୁନମ ଜେନା ଉଭୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଜାନକୀ ବିଶ୍ୱାଳ, ବରିଷ୍ଠ ଦେୱାନି ଦୁର୍ବାଶା ଦୁର୍ଗା, ବନ ବିଭାଗ ଅଧିକାରୀ ଦୁର୍ଯ୍ୟୋଧନ ବେଜ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଚାରଗୋଠ ପ୍ରକଳ୍ପ ବିଦ୍ୟାଳୟ**

**ଜେନାପୁର,(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚାରଗୋଠ ପ୍ରକଳ୍ପ ବିଦ୍ୟାଳୟ ପରିସରରେ ପରିବେଶ ସଚେତନତା ସଭା ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରା, ମୁଖ୍ୟ ଅତିଥି ପ୍ରାକ୍ତନ ଶିକ୍ଷା ଅଧିକାରୀ ଫକୀର ଚରଣ ମହାପାତ୍ର, ମୁଖ୍ୟବକ୍ତା ଜ୍ୟୋତିଶଙ୍କର ମହାପାତ୍ର, ସାମାଜିକ କର୍ମୀ ନିର୍ମାଲ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ବୃକ୍ଷ ବଞ୍ଚିଲେ, ଆମେ ବଞ୍ଚିବା। ତେଣୁ ଏବେ ଠାରୁ ସଜାଗ ନ ହେଲେ ଆଗକୁ ମହାବିପଦକୁ ଡାକିଆଣିବା ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଦୀୟମାନ ଓ ଚାରଗୋଠ ପ୍ରକଳ୍ପ ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରିବେଶ କର୍ମୀ ନବକିଶୋର ସାହୁ, ମନୋଜ କୁମାର କରଙ୍କୁ ପରିବେଶ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଗୋଟିଏ ଲେଖା ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଚିତ୍ତରଞ୍ଜନ ଦେଓ, ଦିଲୀପ କୁମାର ବଳ, ସୁଜାତା ରାଉତ ଓ ମହେଶ୍ୱର ମଲ୍ଲିକ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୬ ଜୁନ୍, ୨୦୨୨



## ସଂକ୍ଷେପରେ

### ଜିଲା ପରିବେଶ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

**ପାଣିକୋଇଲି,୫।୬(ଡି.ଏନ.ଏ.):** ଜିଲା ପରିବେଶ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରସୁଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉପଯୁକ୍ତ ସ୍ଥାନରେ ଚାରାରୋପଣ କରିବା ସହିତ ସୁରକ୍ଷା ପ୍ରଦାନ କଲେ ପରିବେଶର ସୁଧାର ଆସିବ ଓ ଆଗାମୀ ପିଢ଼ି ପାଇଁ ଏକ ମାତ୍ର ପୃଥିବୀର ପରିବେଶ ସୁରକ୍ଷିତ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ପ୍ରଦୂଷଣ ଶାଖା ଅଧିକାରୀ ପ୍ରମୋଦ କୁମାର ବେହେରା ଯୋଗଦେଇ କଠିନ ଆବର୍ଜ୍ଜନାର ଉପଯୁକ୍ତ ପରିଚାଳନା କଲେ ରାସାୟିନିକ ସାର, କୀଟନାଶକ ପରିବର୍ତ୍ତେ ସବୁଜ ଖତ, ଜିଆ ଖତ ଓ କମ୍ପୋଷ୍ଟ ବ୍ୟବହାର କଲେ ଜୀବ ଜନ୍ତୁଙ୍କ ପାଇଁ ଓ ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷିତ ହୋଇ ରହିପାରିବ ବୋଲି ମତ ଦେଇଥିଲେ। ସମ୍ପାଦକ ଡାକ୍ତର ଶରତ କୁମାର ସାହୁ, ପରିବେଶ ଦିବସ ପାଳନ ସମ୍ପର୍କରେ ଓ ଆଲୋଚନା ଚକ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଉଦ୍‌ଘାଟନୀ ସଂଗୀତ ପରିବେଷଣ କରାଯାଇଥିବା ବେଳେ ପରିବେଶ ସମିତି ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିବେଶ ଶିକ୍ଷା କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସ୍ଲୋଗାନ, ପଦ୍ୟ ରଚନା, ପ୍ରବନ୍ଧ, କୁଇଜ ଆଦି ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ଅର୍ଥରାଶିରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଶିକ୍ଷକ ପ୍ରତାପ କୁମାର ପହୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉତ୍ସବ ପାଳନରେ ସହଯୋଗ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ବିଭିନ୍ନ ବ୍ଲକରୁ ଆସିଥିବା ଇକୋ କ୍ଲବର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ପ୍ରକୃତି ପ୍ରେମୀ ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଶେଷରେ ମୁଖ୍ୟ ପ୍ରଶିକ୍ଷକ ଡ. ମହେଶ୍ୱର ଜେନା ସମାନ୍ତ ଧନ୍ୟବାଦ ଦେଇଥିଲେ।

### ଡକାୟତି ଯୋଜନା, ୪ ଗିରଫ

**ନିରାକାରପୁର,୫।୬(ଡି.ଏନ୍.ଏ.):** ଜଙ୍ଗିଆ ଥାନା ଅନ୍ତର୍ଗତ ଡମଣଭୂଇଁ ଗ୍ରାମ ନିକଟ ନାଗିରିପଡ଼ା ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ଘରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୋଲଗଡ଼ ଥାନା ଝାନ୍ସିପାଟଣାର ସିଦ୍ଧାନ୍ତ ବେହେରା ଓରଫ ଟିଣା, ଜଟଣୀ ଥାନା ଅରଗୁଲ ଅଞ୍ଚଳର ଆଦିତ୍ୟ ସାହୁ ଓରଫ ପପୁ, ଜଙ୍ଗିଆ ଥାନା ଅନ୍ତର୍ଗତ ବାରାହରପାଟଣା ଗ୍ରାମର ଶିବ ସୁନ୍ଦର ଦାଶ, ମଲିପଡ଼ା ଅଞ୍ଚଳର ଲକ୍ଷ୍ମୀଧର ବଡ଼ଜେନା ଓରଫ ଜଙ୍ଗଲି। ଏମାନଙ୍କ ନିକଟରୁ ୨ଟି ବାଇକ୍, ବୋମା, ଶାବଳ, ଛୁରି ଜବତ କରାଯାଇଛି। ତେବେ ଘଟଣାସ୍ଥଳରୁ ପୋଲିସକୁ ଚକ୍‌ମା ଦେଖାଇ ୨ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୦୩/୨୨) ରୁଜୁ କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।

### କଳା ମୁଗୁନି ପଥର ଚାଲାଣ, ୨ ଗିରଫ

**ବେଗୁନିଆ,୫।୬(ଡି.ଏନ୍.ଏ.):** ବେଆଇନ ଭାବେ କଳା ମୁଗୁନି ପଥର ଚାଲାଣ ବେଳେ ବେଗୁନିଆ ପୋଲିସ ଦୁଇଟି ହାଇୱା ଜବତ କରିବା ସହ ଚାଳକଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳର ପ୍ରସନ୍ନ ପ୍ରଧାନ ଓ ରଶ୍ମି ରଞ୍ଜନ ରାଉତ। ସୂଚନା ମୁତାବକ, ବେଗୁନିଆ ତହସିଲ ଅନ୍ତର୍ଗତ କାଳଚୁଆ ପାହାଡ଼ ତଳିଆ ଅଞ୍ଚଳରୁ କଳା ମୁଗୁନି ପଥର ବୋଝେଇ କରି ଦୁଇଟି ହାଇୱା ଯାଉଥିଲା। ଶନିବାର ବିଳମ୍ବିତ ରାତିରେ ଗଡମାଣତୀର ଛକ ନିକଟରୁ ପୋଲିସ ଏହି ଗାଡ଼ି (ଓଡି ୦୨ଏସ-୦୨୯୪, ଓଡି୦୨ଏଭି-୭୭୦୫) ଦୁଇଟିକୁ ଜବତ କରିଥିଲା। ଏନେଇ ଥାନାରେ ଦୁଇଟି ମାମଲା (ନଂ.୧୩୩,୧୩୪/୨୨) ରୁଜୁ ହୋଇଛି। ଗିରଫ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଶିକ୍ଷକତା ଜାଲିଆତି ଅଣାୟତ୍ତ

**ଯାଜପୁର ଅଫିସ,୫।୬**

- ଦବିଯାଇଛି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶନାମା
- ଆରଟିଆଇକୁ ଦିଗହରା ଉଦ୍ୟମ
- ଜମି ପଟ୍ଟାରେ ହେଉଛି ଜାତି ପରିବର୍ତ୍ତନ

ଜାତିଗତ ଏବଂ ଶିକ୍ଷାଗତ ପ୍ରମାଣପତ୍ରକୁ ଜାଲିଆତି କରି ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗ ହାସଲ କରିବା ଏବେ ସାଧାରଣ ବିଷୟ ହୋଇଛି। ବିଶେଷକରି ଶିକ୍ଷା ବିଭାଗରେ ଏହି ଜାଲିଆତି ଅଣାୟତ୍ତ ହୋଇଛି। ନକଲି ଶିକ୍ଷକଙ୍କୁ ଠାବ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାୟ ଏକ ଦଶନ୍ଧି ମଧ୍ୟରେ ଶତାଧିକ ନିର୍ଦ୍ଦେଶନାମା ଜାରି ହୋଇଛି, ତାହା ଅନୁପାଳନ ହେଉନାହିଁ। ଯେଉଁଠି ଖୋଦ ତଦନ୍ତକାରୀ ଅଧିକାରୀ ନକଲି ହୋଇଥିବେ ସେଠାରେ ନକଲି ଶିକ୍ଷକ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯାଜପୁର ଜିଲା ଶିକ୍ଷା ବିଭାଗରେ। ଏହିକ୍ରମରେ ଅନ୍ୟତ୍ର କିଛି ଜମି କିଣି ସେଥିରେ ନକଲି ଆଦିବାସୀ ସାଜି ଚାକିରି କରୁଥିବା ଏକାଧିକ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ସରକାରଙ୍କ ସୂଚନା ଅଧିକାର ଆଇନ (ଆରଟିଆଇ)କୁ ବି ଦିଗହରା ଉଦ୍ୟମ କରାଯାଉଥିବା ଦେଖିବାକୁ ମିଳିଛି।

ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟ ନେଇ ସରକାର ନୀତି ପ୍ରଣୟନ କରି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। କିନ୍ତୁ ଏହିସବୁ ସୁବିଧା ସୁଯୋଗକୁ ଚଞ୍ଚକତା କରି କେତେକ ସାଧାରଣ ବର୍ଗ ଲୋକେ ହାସଲ କରି ଚାଲିଛନ୍ତି। ଏପରିକି ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ମଧ୍ୟ କାରସାଦି କରି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରୁଛନ୍ତି। ମିଥ୍ୟା ଜାତିଗତ ପ୍ରମାଣପତ୍ର ବଳରେ ବିଭିନ୍ନ ସୁବିଧାସୁଯୋଗ ହାସଲ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅଭିଯୋଗ ହେଲେ ମଧ୍ୟ ପ୍ରଶାସନିକ ଉଦାସୀନତା ମନୋଭାବ ଯୋଗୁ କାର୍ଯ୍ୟାନୁଷ୍ଠାନ ଫସର ଫାଟିଛି। ଏପରିକି ତଦନ୍ତରେ ଶିଥିଳତା, କାର୍ଯ୍ୟରେ ଅବହେଳା, ଉପଯୁକ୍ତ ତଦନ୍ତ କରୁ ନ ଥିବା ଅଧିକାରୀଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ପରିସରଭୁକ୍ତ କରାଯିବ ବୋଲି ଚେତାବନୀ ଦିଆଗଲେ ହେଁ ପରିସ୍ଥିତି ଅପରିବର୍ତ୍ତିତ ରହୁଛି। ଫଳରେ ବାସ୍ତବରେ ମେଧାବୀ ଉଚ୍ଚଶିକ୍ଷିତ ଯୁବତୀଯୁବକ ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ରହୁଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକରେ ୭୦ରୁ ଉର୍ଦ୍ଧ୍ୱ ନକଲି ଜାତିଗତ ଏବଂ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ଶିକ୍ଷକତା କରୁଥିବା ଚର୍ଚ୍ଚା ହେଉଛି। ଏହିକ୍ରମରେ ଅସନଝର ପଞ୍ଚାୟତର ରଞ୍ଜନ କୁମାର ନାୟକ ଏବଂ ଅନାଥ ନାୟକ ଜିଲାରେ କାର୍ଯ୍ୟରତ ଜଣେ ମଣ୍ଡଳ ଶିକ୍ଷାଧିକାରୀଙ୍କ ଜାତିଗତ ପ୍ରମାଣପତ୍ର ନକଲି ହୋଇଥିବା ଦର୍ଶାଇ ଆରଟିଆଇରେ ତଥ୍ୟ ମାଗିଥିଲେ। ରଞ୍ଜନଙ୍କ ଆରଟିଆଇ ଆବେଦନ ଉପରେ ସେହି ମଣ୍ଡଳ ଅଧିକାରୀ ପତ୍ରସଂଖ୍ୟା ୨୭/୧୭।୫।୨୦୨୨ରେ ଦେଇଥିବା ଉତ୍ତରରେ ଜାତିଗତ ଏବଂ ଶିକ୍ଷାଗତ ପ୍ରମାଣପତ୍ର ବ୍ୟକ୍ତିଗତ ସୂଚନା ଏବଂ ଏହା ଆରଟିଆଇ-୨୦୦୫ର ଧାରା ୮-୧(ଜେ) ଅନ୍ତର୍ଭୁକ୍ତ ବୋଲି ଦର୍ଶାଇ ସୂଚନା ଦେଇ ନ ଥିଲେ। ଅନ୍ୟପକ୍ଷେ ଏହା ପୂର୍ବରୁ ଅନାଥଙ୍କ ଆରଟିଆଇ ଆବେଦନ ଉପରେ ଭିନ୍ନ ଉତ୍ତର ରଖିଥିଲେ। ୧୩।୮।୨୦୨୧ରେ ଦେଇଥିବା ଉତ୍ତରରେ ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ତାଙ୍କର ଚୋରି ହୋଇଯାଇଥିଲା। ସେ ଯୁକ୍ତ୨ କଳା ଓ ଯୁକ୍ତ୩ ପ୍ରମାଣପତ୍ର ପୁନର୍ବାର ବିଭାଗକୁ ମାଗିଛନ୍ତି। ଏହିସବୁ ପ୍ରମାଣପତ୍ର ଆସିବା ପାଇଁ ପ୍ରାୟ ୧ ମାସର ସମୟ ଆବଶ୍ୟକତା ଅଛି। ଏହିସବୁ ପ୍ରମାଣପତ୍ର ଆସିଗଲେ ସେପ୍ଟେମ୍ବର ଶେଷ ବେଳକୁ ପଠାଇଦେବି ବୋଲି ତାଙ୍କ ଆରଟିଆଇ ଉତ୍ତରରେ ଦର୍ଶାଇଥିଲେ। ପରବର୍ତ୍ତୀ ସମୟରେ ପ୍ରମାଣପତ୍ର ସବୁ ଦେଲେନି, କିନ୍ତୁ ଆରଟିଆଇରେ ବ୍ୟକ୍ତିଗତ ବୋଲି ଦର୍ଶାଇ ଭୁଆଁବୁଲାଇବାକୁ ଉଦ୍ୟମ କରିଛନ୍ତି ବୋଲି ଆବେଦନକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସେହି ଅସନଝର ମୌଜାର ଜଣେ ସାଧାରଣବର୍ଗର ଯୁବକ କେଉଁଝର ଘସିପୁରା ତହସିଲ ଅଞ୍ଚଳରେ ୨ ଡିସିମିଲ ଜମି କିଣି ସେଥିରେ ଶବର ଜାତି ଦର୍ଶାଇ ଆଦିବାସୀ ଜାତିଗତ ପ୍ରମାଣପତ୍ର ହାସଲ କରି ସରକାରୀ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା। ସେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଏକ ସ୍କୁଲରେ ନକଲି ଜାତିଗତ ପ୍ରମାଣପତ୍ର ବଳରେ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ଆବଶ୍ୟକ କାଗଜପତ୍ର ସହ ଅଭିଯୋଗ ହୋଇଥିଲେ ହେଁ ଗଜପତି ଜିଲା ଶିକ୍ଷାଧିକାରୀ ସେହି ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି। ଏଭଳି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ତାଲିକାଭୁକ୍ତ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ନକଲି ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସେମାନେ ଅଦ୍ୟାବଧି ସରକାରଙ୍କ ସମସ୍ତ ସୁବିଧାସୁଯୋଗ ଭୋଗ କରୁଛନ୍ତି ବୋଲି ମତପ୍ରକାଶ ପାଇଛି।

# ଶିକ୍ଷକଙ୍କୁ ପ୍ରକୃତି ମିତ୍ର ପୁରସ୍କାର



ଶିକ୍ଷକଙ୍କୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରଯାଉଛି।

**ଧର୍ମଶାଳା,୫।୬(ଡି.ଏନ.ଏ.)**

ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସେକ ସମସୁଦ୍ଦିନଙ୍କୁ ବିଶ୍ୱ ପରିବେଶ ଦିବସରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ଡ. ମୋନା ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ସେକ ସମୁଦ୍ଦିନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ପାଇବା ପରେ ତାଙ୍କୁ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ଟାଣିବେ ମା' ସୁଭଦ୍ରାଙ୍କ ରଥ

**ଯାଜପୁର ଟାଉନ,୫।୬(ଡି.ଏନ.ଏ.)**

## ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

ଯାଜପୁର ସହରର ବହୁ ପୁରାତନ ଶ୍ରୀଜଗନ୍ନାଥ ଜୀଉଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ମ୍ୟାନେଜିଂ ଟ୍ରଷ୍ଟି ତଥା ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨ବର୍ଷ ଧରି କୋଭିଡ ମହାମାରୀ ପାଇଁ ରଥଯାତ୍ରା ବନ୍ଦ ରହିଥିବାବେଳେ ଚଳିତବର୍ଷ ମହା ଆଡମ୍ବରରେ ଯାତ୍ରା ସମ୍ପନ୍ନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ଟାଣିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଉପରିସ୍ଥ ପ୍ରଶାସନିକ ଅଧିକାରୀ ଓ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଏଥର ରଥଯାତ୍ରା ସିଧା ପ୍ରସାରଣ କରାଯିବ। ସ୍ଥାନୀୟ କେବୁଲ ଅପରେଟରଙ୍କ ସହିତ ଏ ନେଇ ଯୋଗାଯୋଗ କରାଯାଇ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଭୁଜବଳ ସୂଚନା ଦେଇଛନ୍ତି।

ସେହିଭଳି ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଓ ଆନୁସଙ୍ଗିକ ବୈଷୟିକ ବ୍ୟବସ୍ଥା କରିବାକୁ ରଥ କାରିଗରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥ ଟଣା ଦିବସରେ ସମ୍ଭାବ୍ୟ ଗହଳିକୁ ଆଖିରେ ରଖି ପୋଲିସ ମୁତୟନ ସହିତ ଶ୍ରଦ୍ଧାଳୁଙ୍କ ପାଇଁ ଆମ୍ବୁଲାନ୍ସ ଓ ମେଡିକାଲ ଟିମ୍ ରହିବ। ଶ୍ରୀଗୁଣ୍ଡିଚାରୁ ବାହୁଡା ଯାଏ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଶ୍ରୀଗୁଣ୍ଡିଚା ପୂର୍ବରୁ ମନ୍ଦିର ଓ ମାଉସୀ ମା' ମନ୍ଦିରର ମରାମତି, ରଙ୍ଗକାମ ଆଦି ସାରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଥାନାଧିକାରୀ ଅଜୟ ଜେନା, ସିଡିଏମଓ ଡା. ବିରଞ୍ଚି ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ମଦ ବେପାରକୁ ନେଇ ଝରିଆଟାଙ୍ଗୀରେ ଉତ୍ତେଜନା

**ବାଣପୁର,୫।୬(ଡି.ଏନ୍.ଏ.)**

ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋଡ଼ିଝର ଝରିଆଟାଙ୍ଗୀ ଗ୍ରାମରେ ବେଆଇନ ଭାବେ ମଦ କାରବାର ବଢ଼ି ଚାଲିଥିଲା। ଗ୍ରାମର ମହିଳା ସଙ୍ଗଠନ ଏହାକୁ ବିରୋଧ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଏପରିକି କିଛି ଦିନ ପୂର୍ବେ ଜଣେ ମଦ ବେପାରୀଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ତାଙ୍କୁ ଛାଡ଼ିଦେଇଥିଲା। ତେବେ ମଦ ବେପାରକୁ ନେଇ ୩ ପରିବାରଙ୍କୁ ଗ୍ରାମବାସୀ ବାସନ୍ଦ କରିଥିଲେ। ଶନିବାର ରାତିରେ କେତେଜଣ ଗ୍ରାମବାସୀ ଜେସିବି ମାଧ୍ୟମରେ ବାସନ୍ଦ ହୋଇଥିବା ଜଣଙ୍କ ଘରକୁ ଭାଙ୍ଗିଦେବା ସହ ୫ଲକ୍ଷ ଟଙ୍କାର ଆସବାବପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗକୁ ଭିତ୍ତିକରି ବାଣପୁର ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି।

# ଉଠା ଜଳସେଚନ ପ୍ରକଳ୍ପ ଅକାମୀ



**ପ୍ରୀତିପୁର,୫।୬(ଡି.ଏନ.ଏ.)**

## ସମସ୍ୟାରେ ଚାଷୀ

ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ସରକାରୀ ଯୋଜନାଗୁଡ଼ିକର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ତାହାର ଉଦାହରଣ ବିଞ୍ଝାରପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତଗୁଡ଼ିକରେ ଦେଖିବାକୁ ମିଳୁଛି। ଏହି ପ୍ରୀତିପୁର, ବିତନା, ସୟଦପୁର, ମାଁସଡ଼ା, କଲ୍ୟାଣପୁର, ରଣପୁର, ଚନ୍ଦ୍ରମୁଁ ଫତେପୁର, ବାଛଳ, ଟିଣା, କପିଳା, ବରପଦା, ଅଳକୁଣ୍ଡ, ଉତ୍ତ୍ରଙ୍ଗ, ଉତ୍ତଙ୍ଗରା, ଶାସନ୍ଦା, ଅରେଇ, ଗୁହାଳି, ଘଣ୍ଟିଆଳି, ଚିକଣା, ଉତ୍ତରକୂଳ, ଆଁଉରୀ, ହଳଦିଡିଅ, ସିଂହପୁର, ଜରୀ, ବାଙ୍ଗରା ପ୍ରଭୃତି ପଞ୍ଚାୟତର ରାଜସ୍ୱ ଗ୍ରାମଗୁଡ଼ିକରେ ବିପୁଳ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ଅକାମୀ ହୋଇପଡ଼ିଛି। ମରାମତି ଅଭାବରୁ ଅଧିକାଂଶ ପ୍ରକଳ୍ପର ଗୃହଗୁଡ଼ିକ ଜରାଜୀର୍ଣ୍ଣ ପାଲଟିବା ସହିତ ପାଇପ୍ ନଷ୍ଟ ହେବାକୁ ଲାଗିଲାଣି। ବିଦ୍ୟୁତ୍ ଦେୟ ପୈଠ ନ ହେବା କାରଣରୁ ବହୁ ପ୍ରକଳ୍ପ ମଧ୍ୟ ଚାଲୁ ନ ଥିବା ଜଣାଯାଇଛି। ବିଞ୍ଝାରପୁରରେ ଉଠାଜଳସେଚନ ବିଭାଗର ଯନ୍ତ୍ରୀ ଓ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ସେମାନେ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ବିପୁଳ ପରିମାଣର ଚାଷଜମି ଜଳସେଚିତ ହେବାରୁ ବଞ୍ଚିତ ହେଉଛି, ଯାହାକି ଚାଷୀମାନଙ୍କୁ ଚିନ୍ତାରେ ପକାଇଛି।

ଏ ସମ୍ପର୍କରେ ବିଞ୍ଝାରପୁର ସେକ୍ସନ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ସୁମନ୍ତ କୁମାର ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ବ୍ଲକ ଅଞ୍ଚଳରେ ଥିବା ମୋଟ ୨୧୪ଟି ପ୍ରକଳ୍ପ ମଧ୍ୟରୁ ୧୩୨ଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ। ସେଥିରୁ ଚଳିତ ବର୍ଷ ପ୍ରାୟ ୧୪୦୦ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରୀତିପୁର, ଉତ୍ତରକୂଳ, ରାମଚନ୍ଦ୍ରପୁର, କପିଳା, ଗୋବିନ୍ଦପୁର, ଓଳେଇଚନ୍ଦନପୁର, ରୁଦ୍ରପୁର-୧, ରୁଦ୍ରପୁର-୩, କାହ୍ନୁପୁର, ବଗମରା, ବାଛଳ, ଜରୀ ପ୍ରକଳ୍ପ ଅଚଳ ରହିଛି। ବାକି ୭୦ ପ୍ରକଳ୍ପ ଆବଶ୍ୟକ ମରାମତି ଅଭାବରୁ ବନ୍ଦ ରହିଥିବାବେଳେ ଏଗୁଡ଼ିକୁ ବିଭାଗ ତରଫରୁ ସଜାଡିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

# ମିଶନ ଶକ୍ତି ମହାସଂଘ ବହିଷ୍କାର ଚକ୍ରାନ୍ତ ଅଭିଯୋଗ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମିଶନ ଶକ୍ତି ମହାସଂଘ କର୍ମକର୍ତ୍ତା।

**ଯାଜପୁର ଟାଉନ, ୫।୬(ଡି.ଏନ.ଏ.)**

## ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ ଯାଜପୁର ଜିଲାର ସମସ୍ତ ପଞ୍ଚାୟତରେ ଥିବା ମିଶନ ଶକ୍ତି ଅଧୀନ ମହାସଂଘର କର୍ମକର୍ତ୍ତା ୧୦ବର୍ଷ ଧରି ବିନା କୌଣସି ପାରିଶ୍ରମିକ ଏବଂ ଆର୍ଥିକ ଅନୁଦାନରେ କାମ କରି ଆସୁଛନ୍ତି। ହେଲେ ସେମାନଙ୍କ ସର୍ବନିମ୍ନ ସମସ୍ୟା ପ୍ରତି ବିଭାଗ ତଥା ସରକାର ଧ୍ୟାନ ଦେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ମହାସଂଘ ଅନ୍ତର୍ଗତ କର୍ମକର୍ତ୍ତା ସଞ୍ଜନା ପଢ଼ିହାରୀ, ଦେବୀକା ମଲ୍ଲିକ, ବିଜୟଲକ୍ଷ୍ମୀ ରାଉତ, ବବିତା ବାରିକ, ମାନସୀ ଜେନା, କଲ୍ୟାଣୀ ସାହୁ, କଳ୍ପନା ନାୟକ ପ୍ରମୁଖ ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷକରି ମହାସଂଘ ସଭାପତି, ସମ୍ପାଦିକା କିମ୍ବା ଅନ୍ୟ କର୍ମକର୍ତ୍ତାଙ୍କୁ ବହିଷ୍କାର କରା ନ ଯାଇ ଚୟନିତ କାର୍ଯ୍ୟ ନିର୍ବାହୀ କମିଟି ସଭ୍ୟାସଭ୍ୟଙ୍କ ମଧ୍ୟରୁ ରୋଟେସନ ଆଧାରରେ ଦାୟିତ୍ୱ ପ୍ରଦାନ କରାଯିବାକୁ ଦାବି ହୋଇଛି। ଯାହାଦ୍ୱାରା ମିଶନ ଶକ୍ତି ନେଇ ରହିଥିବା ନିୟମାବଳୀକୁ ଅନୁକରଣ କରାଯିବା ସହିତ ଆମ୍ଭମାନଙ୍କୁ ନ୍ୟାୟ ମିଳିବ ବୋଲି ଉକ୍ତପତ୍ରରେ ଉଲ୍ଲେଖ ରହିଛି। ସେହିପରି ସମସ୍ତ କର୍ମକର୍ତ୍ତାଙ୍କୁ ରାଜ୍ୟ ସରକାରଙ୍କ ଅନୁମୋଦିତ ହୋଇଥିବା ବୈଠକ ଦେୟ ଓ ଗସ୍ତ ଖର୍ଚ୍ଚ ଅବିଳମ୍ବେ ପ୍ରଦାନ କରାଯିବା, ମିଶନ ଶକ୍ତି ବିଭାଗ (ଓଏଲଏମ)ର ସମସ୍ତ କାର୍ଯ୍ୟରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯିବା, ଗୋଷ୍ଠୀ ସହାୟକ ହୋଇଥିବା ଏମ୍‌ବିକେ, ସିଆରପି, ଏଲଏସପିଙ୍କୁ ନିୟନ୍ତ୍ରଣ କରି ସୁଚାରୁରୂପେ କାର୍ଯ୍ୟ କରିବା ପାଇଁ ମହାସଂଘ କର୍ମକର୍ତ୍ତାଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯିବ। ସର୍ବୋପରି ମହାସଂଘକୁ ପଞ୍ଜିକୃତ କରାଯିବା ସହିତ କୌଣସି ପରିସ୍ଥିତିରେ ସଭାପତି, ସମ୍ପାଦିକା ଓ ଅନ୍ୟମାନଙ୍କୁ ବହିଷ୍କାର କରା ନ ଯିବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଯେଉଁ ସମୟରେ ମିଶନ ଶକ୍ତି କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ଗୋଷ୍ଠୀ ସହାୟକ ହୋଇଥିବା ଏମବିକେ, ସିଆରପିମାନେ ବ୍ୟବସ୍ଥା ମଧ୍ୟକୁ ନ ଆସିଥିବା ବେଳେ ମହାସଂଘ ମିଶନ ଶକ୍ତିର ସମସ୍ତ କାର୍ଯ୍ୟକୁ ସଂପାଦନ କରିଆସିଛି। ଏ ପ୍ରକାର ସେବା ଯୋଗାଇ ଦିଆଯିବା ପରେ ସୁଦ୍ଧା ଆମେ ଆଜି ଅନ୍ୟାୟର ଶିକାର ହେବାକୁ ଯାଉଛୁ ବୋଲି ଜିଲାପାଳଙ୍କୁ ଦୃଷ୍ଟି ଆକର୍ଷଣ ପୂର୍ବକ ଜଣାଇଛନ୍ତି। ରାଜନୈତିକ ଆକ୍ରୋଶ ଏବଂ କେତେଜଣ ଅସାଧୁ ଅଧିକାରୀ ଓ ବ୍ଲକ କର୍ମକର୍ତ୍ତା ମିଶି ଆମ୍ଭଙ୍କୁ ବହିଷ୍କାର କରିବା ଓ ବୋଲ ମାନିଲା ଭଳି ନୂତନ କର୍ମକର୍ତ୍ତା ଚୟନ କରାଯିବା ପାଇଁ ଏକ ଚକ୍ରାନ୍ତ କରାଯାଉଛି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

ଜାତୀୟ ସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ
ଭାରତର ପ୍ରମୁଖ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ପ୍ରଦର୍ଶନୀ ଏବଂ ବିକ୍ରୟ
ସ୍ଥାନ
ଏକାମ୍ରହାଟ, ୟୁନିଟ୍-୩, ଭୁବନେଶ୍ୱର
ତାରିଖ
ତା ୦୬/୦୬/୨୦୨୨ ଠାରୁ ୧୪/୦୬/୨୦୨୨, ସକାଳ ଘ. ୧୦ ରୁ ରାତ୍ର ଘ. ୯ ପର୍ଯ୍ୟନ୍ତ
ଶୁଭ ଉଦ୍‌ଘାଟକ
ଶ୍ରୀଯୁକ୍ତ ଶ୍ୟାମଭକ୍ତ ମିଶ୍ର, ଓ.ପ୍ର.ସେ., (ବରିଷ୍ଠ ପ୍ରଶାସନିକ ବର୍ଗ)
ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ଉକ୍ତ ପ୍ରଦର୍ଶନୀକୁ ତା ୦୬.୦୬.୨୦୨୨ ରିଖ ସନ୍ଧ୍ୟା ଘ.୬ ରେ ଉଦ୍‌ଘାଟନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି।
ବହୁସଂଖ୍ୟାରେ ପରିବାର ଓ ବନ୍ଧୁ ପରିଜନମାନଙ୍କ ସହ ଉପସ୍ଥିତ ରହି ପ୍ରଦର୍ଶନୀ ଉପଭୋଗ କରିବା ନିମନ୍ତେ ଅନୁରୋଧ।
ପ୍ରାୟୋଜକ
ଭାରତ ସରକାର, ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ବିଭାଗ, ନୂଆଦିଲ୍ଲୀ
ଆୟୋଜକ
ଡ୍ରୋଭ୍, ଅନୁଗୋଳ

ବୟନିକା ଦ୍ୱାରା ଆୟୋଜିତ
-୬୬ ବର୍ଷର ଉତ୍କର୍ଷ-
ଜିଲ୍ଲା ହସ୍ତତନ୍ତ ମେଳା
ସ୍ଥାନ - କଲେକ୍ଟୋରେଟ୍ ପଡ଼ିଆ, ଜଗତସିଂହପୁର
ସ୍ୱତନ୍ତ୍ର ରିହାତି
୧୦%+୨୦%
ତା.୧୬.୦୬.୨୦୨୨ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୧.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ।
ଆକର୍ଷଣୀୟ ସରକାରୀ ରିହାତି
ବୟନିକା ଷ୍ଟଲରେ ଉପଲବ୍ଧ
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ବଳରାମ ଯୋଜନାର ସଚେତନତା ଅଭାବ

**ପାରଳାଖେମୁଣ୍ଡି,୫।୬(ଡି.ଏନ.ଏ.):** ଭୂମିହୀନ ଭାଗଚାଷୀମାନଙ୍କୁ ବିନା ବନ୍ଧକରେ କୃଷି ଋଣ ଦେଇ ସ୍ୱାବଲମ୍ବୀ କରିବା ସକାଶେ ସରକାର ବଳରାମ ଯୋଜନା ଆରମ୍ଭ କରିଛନ୍ତି। ଗଜପତି ଜିଲାରେ ଏହି ଯୋଜନାର ସଚେତନତା ଅଭାବ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ଏହି ଯୋଜନା ପାଇଁ ମୋଟ ୭୦୮ ଜଣ ଆବେଦନ କରିଥିବା ବେଳେ ୪୫ଟି ରିଜେକ୍ଟ ହୋଇଯାଇଥିବା ଜଣାପଡିଛି। ବଳରାମ ଯୋଜନାରେ ଭୂମିହୀନ କୃଷକମାନଙ୍କ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଫସଲ ଋଣ ପାଇଁ ବ୍ୟାଙ୍କରେ ଆବେଦନ କରିଲେ ଆବଶ୍ୟକ ଦସ୍ତାବିଜ ଦାଖଲ ପରେ ବ୍ୟାଙ୍କ ଗୋଷ୍ଠୀ ପ୍ରତି ୧ଲକ୍ଷ ୬୦ହଜାର ଟଙ୍କା ଫସଲ ଋଣ ଯୋଗାଇ ଦେବା ବ୍ୟବସ୍ଥା ରହିଛି। କୃଷକ ସାଥୀମାନେ ନିଜ ପଞ୍ଚାୟତରେ ୪/୫ଜଣ ଚାଷୀଙ୍କୁ ନେଇ ଏହି ଗୋଷ୍ଠୀ ଗଠନରେ ସହାୟତା କରିଥାନ୍ତି। ପ୍ରତି ବ୍ୟକ୍ତିଙ୍କୁ ମିଳିତ ଗୋଷ୍ଠୀକୁ ଋଣ ଦେବା ପାଇଁ ନାବାର୍ଡ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି। କ୍ଷେତ୍ର ପରିଦର୍ଶନ ପରେ ନିର୍ଦ୍ଦିଷ୍ଟ ଫର୍ମରେ ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଅଧିଦର୍ଶକ ମାନେ ଭାଗ ଚାଷୀଙ୍କୁ ଚାଷ ପ୍ରମାଣପତ୍ର ଦିଅନ୍ତି । ମିଳିତ ଦେୟ ଗୋଷ୍ଠୀର କୌଣସି ସଦସ୍ୟ ବ୍ୟାଙ୍କ ଋଣ ଖିଲାପି ହୋଇ ନ ଥିବେ ବା ଗୋଟିଏ ପରିବାରର ସଦସ୍ୟ ହୋଇ ନ ଥିବେ। ବଳରାମ ଯୋଜନା ଲାଗି ଏହିସବୁ ନିୟମ ରହିଛି। ଏହି ବିଷୟରେ ସଚେତନତା ଓ ପ୍ରଚାର ପ୍ରସାର ଅଭାବ ଯୋଗୁ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି ।

### ୯,୧୦ରେ ପେନ୍‌ସନ ଅଦାଲତ

**ଫୁଲବାଣୀ ଅଫିସ, ୫।୬:** କନ୍ଧମାଳ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆସନ୍ତା ୯ ଓ ୧୦ ତାରିଖରେ ପେନ୍‌ସନ ଅଦାଲତ ହେବ। ଜିଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀଙ୍କର ବିଚାରାଧୀନ ବକେୟା ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ଏହି ଅଦାଲତ ଅନୁଷ୍ଠିତ ହେବ। ଜିଲାପାଳ ସଂପୃକ୍ତ ବିଭାଗଗୁଡ଼ିକୁ ବିଚାରାଧୀନ ପେନ୍‌ସନ ମାମଲାର ସ୍ଥିତି ରିପୋର୍ଟ ସହିତ ପେନ୍‌ସନ ଅଦାଲତରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପେନ୍‌ସନ ଅଦାଲତରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ, ଲେଖା ନିୟନ୍ତ୍ରକ କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନଙ୍କ ସମେତ ପ୍ରଧାନ ମହାଲେଖାକାର(ଏଜି)ର ଉପ ମହାଲେଖାକାର(ପେନ୍‌ସନ) ଶ୍ରୀରାଜ ଅଶୋକ, ସହକାରୀ ମହାଲେଖାକାର ମୁକୁଲ ଜାମଲକି ଓ ସୁଶ୍ରୀ ତାନ୍ୟା ଆମ୍ବାସ୍ତା, ଲେଖାଧିକାରୀ ସୁଶୀଲ କୁମାର ମିଶ୍ର ଓ ମନୋରଜ ପାଣିଗ୍ରାହୀ ପ୍ରମୁଖ ବକେୟା ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ତ୍ୱରିତ ପଦକ୍ଷେପ ନେବେ। ଇତିମଧ୍ୟରେ କନ୍ଧମାଳ ଜିଲାର ପେନ୍‌ସନ ମଞ୍ଜୁରକର୍ତ୍ତା ଓ ପେନ୍‌ସନମାରୀଙ୍କୁ ଆବଶ୍ୟକ କାଗଜପତ୍ର ସହିତ ଉପସ୍ଥିତ ରହିବାକୁ ମୋବାଇଲ୍ ଫୋନ୍ ମାଧ୍ୟମରେ ଅନୁରୋଧ କରାଯାଇଛି। ଏହି ଅଦାଲତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଜିଲାର ସମସ୍ତ ପେନ୍‌ସନ ମଞ୍ଜୁର ଅଧିକାରୀମାନେ ଅବସରପ୍ରାପ୍ତ କର୍ମଚାରୀ, ଯେଉଁମାନଙ୍କ ପେନ୍‌ସନ ଆବେଦନପତ୍ର ଏଜି କାର୍ଯ୍ୟାଳୟକୁ ପଠାଯାଇ ପାରିନାହିଁ କିମ୍ବା ଅନ୍ୟ କୌଣସି କାରଣରୁ ପେନ୍‌ସନ ହୋଇପାରିନାହିଁ ସେମାନଙ୍କର କାଗଜପତ୍ର ଏହି ଅଦାଲତରେ ଉପସ୍ଥାପନ ପାଇଁ ଏଜି କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ଶାନ୍ତି ଦେଉଛି ପରିବେଶ

- ବଢ଼ୁଛି ଗ୍ରୀଷ୍ମ, ଅନ୍ୟ ଋତୁର ପ୍ରଭାବ କମୁଛି
- ୫୦ ପ୍ରତିଶତ ଜଙ୍ଗଲ କମିଲାଣି
- ଗଛ ଲଗାଇ ସୁରକ୍ଷାକୁ କରାଯାଉଛି ଅଣଦେଖା

**ନୟାଗଡ଼ ଅଫିସ,୫।୬**



ମଞ୍ଚାସୀନ ବ୍ୟକ୍ତି ଓ ପ୍ରକୃତି ବନ୍ଧୁ ପାଇଥିବା ବ୍ୟକ୍ତି ବିଶେଷ।

ନୟାଗଡ ବନଖଣ୍ଡ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀ ନିଜ ଭାଷଣରେ କହିଥିଲେ, ଆମେ ଯେପରି ପରିବେଶକୁ ନଷ୍ଟ କରିଚାଲିଛେ ପରିବେଶ ସେପରି ଆମକୁ ଶାସ୍ତି ଦେଇ ଚାଲିଛି। ୨୦ବର୍ଷ ତଳେ ନୟାଗଡ଼ରେ ପ୍ରୋବେସନରେ ଥିବାବେଳେ ଯେତେ ଜଙ୍ଗଲ ଥିଲା ଏବେ ବନଖଣ୍ଡରେ ୫୦ ପ୍ରତିଶତ ଜଙ୍ଗଲ କମି ଯାଇଛି। ତେବେ ନୟାଗଡ଼ ବନଖଣ୍ଡରେ କେତେ ଜଙ୍ଗଲ ଅଛି କହି ନ ଥିଲେ। ସେହିପରି ପାଠ ପଢ଼ିବା ସମୟରେ ସ୍କୁଲରେ ନିଜେ ବଗିଚା କାମ କରି ଗଛ ଲଗାଇ ତାର ସୁରକ୍ଷା ନେଇ ଛୋଟର ବଡ କରୁଥିଲୁ। ଏବେ ସେପରି କରାଯାଉନି। ସ୍କୁଲରେ ଥିବା ଇକୋ କ୍ଲବର ସଦସ୍ୟମାନେ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ଗଛ ଲଗାଇ ତାକୁ ଛୋଟରୁ ବଡ କଲେ ନିଜକୁ ଖୁସି ଲାଗିବ। ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ କହିଥିଲେ, ବର୍ଷରେ ୬ଟି ଋତୁରୁ ଗ୍ରୀଷ୍ମର ପ୍ରକୋପ ବଢୁଛି। ଅନ୍ୟ ୬ ଋତୁର ପ୍ରକୋପ କମି ଯାଉଛି। ବର୍ଷ ଋତୁରେ ଆଗପରି ଆଉ ବର୍ଷା ହେଉନାହିଁ। ବର୍ଷା ନ ଥିବାରୁ ଋତୁ ବୋଲି ଅନୁଭବ କରି ହେଉନି। ଆଗଭଳି ଆଉ ଶୀତ ନାହିଁ। ଚାରିଆଡେ କଂକ୍ରିଟ ଘର ବଢୁଥିବା ବେଳେ ଜଙ୍ଗଲ କମି ଚାଲିଛି। ବିକାଶ ପାଇଁ ଗଛ କଟାଯାଉ। ତେବେ କଟା ଯାଇଥିବା ଗଛର ୨ରୁ ୩ ଗୁଣା ଗଛ ଲଗାଯାଇ ତା'ର ଭରଣା କରାଯିବା ଦରକାର। ହେଲେ ସମସ୍ତେ ଗଛ ଲଗାଇ ବାହାବା ନେଉଛନ୍ତି। ହେଲେ ସୁରକ୍ଷାକୁ ଭୁଲି ଯିବାରୁ ପରିବେଶ ବିଗଡି ଚାଲିଛି। ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ କୁହନ୍ତି, ଜଳ, ସ୍ଥଳ, ଆକାଶ ପ୍ରଦୂଷିତ ହୋଇ ଚାଲିଛି। ବିଗିଡି ଥିବା ପରିବେଶକୁ ସଜାଡିବା ଦରକାର। ଏହାଦ୍ୱାରା ଆମେ ଉପକୃତ ହେବା ସହ ଆଗାମୀ ବଂଶଧର ଉପକୃତ ହେବ। ଏହା କରା ନ ଗଲେ ଆଗାମୀ ବଂଶଧର ହଇରାଣ ହେବେ। ଏସିଏଫ ଶ୍ୱେତାଲିନା ସାହୁ କହିଥିଲେ ଛାତ୍ରୀଛାତ୍ରମାନେ ଗୋଟିଏ ଗଛ ଲଗାଇ ତାକୁ ବଡ କରନ୍ତୁ। ଅନ୍ୟମାନେ ଗଛ ଲାଗଇ ତାକୁ ବଞ୍ଚିବାକୁ ଚେଷ୍ଟା କରନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ହିମାଂଶୁ ଶେଖର ମୁଦୁଲି ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଏସିଏଫର ଶୁଭଲକ୍ଷ୍ମୀ ମହାନ୍ତି ଯୋଗଦେଇ କହିଥିଲେ ପରିବେଶକୁ ସୁସ୍ଥ ରଖିବାକୁ ସମସ୍ତେ ତତ୍ପର ହେବା ଦରକାର।

### ସାର୍ଟିଫିକେଟ ନ ଦେବାରୁ ଅସନ୍ତୋଷ

ବିଶ୍ୱ ପରିବେଶ ଦିବସ ଅବସରରେ ନୟାଗଡ଼ ବନଖଣ୍ଡ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ୧ ହଜାର, ୧୨୦୦ ଓ ୧୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ସେମାନଙ୍କୁ ପ୍ରମାଣପତ୍ର ସ୍ୱରୂପ ସାର୍ଟିଫିକେଟ ଦିଆଯାଇ ନ ଥିଲା। ପ୍ରତିଯୋଗୀ ଛାତ୍ରୀଛାତ୍ର କେଉଁଥି ପାଇଁ ପୁରସ୍କାର ପାଇଲେ ସେମାନଙ୍କ ପାଖରେ ପ୍ରମାଣ ପତ୍ର ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦେବାର ଆବଶ୍ୟକତା ଥିଲା ବୋଲି ଉପଜିଲାପାଳ ରାଉତ କହିଥିଲେ। ପୁରସ୍କାର କାର୍ଯ୍ୟକ୍ରମ ତରବରିଆ ଭାବେ କରାଯାଇଥିବାରୁ ପ୍ରମାଣପତ୍ର ଦେଇ ହେଲାନି ବୋଲି ଡିଏଫ୍‌ଓ ଷଡଙ୍ଗୀ ସଫେଇ ଦେଇଥିଲେ।

### ସକାଳେ ପୁରସ୍କାର, ରାତିରେ ମିଳୁଛି ସୂଚନା

ସକାଳେ ବିଶ୍ୱ ପରିବେଶ ଦିବସରେ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯିବ ହେଲେ ପୂର୍ବ ରାତିରେ ଖବର ମିଳିଲା। ଏପରି ଖବର ମିଳିଲେ ପରୁସ୍କାର ପାଇବାକୁ ଥିବା ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମକୁ ଆସିବା କଷ୍ଟ ହେବ। ଆସନ୍ତାବର୍ଷକୁ ଏଥିରେ ପରିବର୍ତ୍ତନ କରାଯାଉ ବୋଲି ୨୦୨୨ ଆର୍ଥିକ ବର୍ଷରେ ପ୍ରକୃତି ବନ୍ଧୁ ପୁରସ୍କାର ଓଡ଼ଗାଁ ବ୍ଲକ କୁରାଳର ସୁକାନ୍ତ ଚୌଧୁରୀ ପାଇଛନ୍ତି। ସେ କହିଥିଲେ, ସରକାରଙ୍କ ପକ୍ଷରୁ ପ୍ରକୃତି ପ୍ରେମୀମାନଙ୍କୁ ପୁରସ୍କାର ଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ବିକାଶ ନାଁରେ ପରିବେଶକୁ ଧ୍ୱଂସ କରିବା ଅନଚିତ। ଭୁବନେଶ୍ୱରର ବିଧାୟକ ଭବନ ନିର୍ମାଣ ନାଁରେ ଗଛକଟାର ଉଦାହରଣ ଦେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୦୨୨ ବର୍ଷରେ ନୂଆଗାଁ ବ୍ଲକ ମହୀପୁରର ପଞ୍ଚାନନ ପ୍ରଧାନ ଓ ରଣପୁରର କୈଳାସ ରଥଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ୨୦୨୧ ଆର୍ଥିକ ବର୍ଷରେ ଓଡ଼ଗାଁ ବ୍ଲକ ଗୋଡିପଡାର ଆଦିତ୍ୟ କୁମାର ଦାଶ, ନୟାଗଡ଼ ବ୍ଲକ ଶରଧାପୁରର ବୈକୁଣ୍ଠ ସ୍ୱାଇଁ, ଜୟମଙ୍ଗଳପ୍ରସାଦର ସହଜ ରାଜାଯୋଗ ଶିକ୍ଷାକେନ୍ଦ୍ର ମହିଳା ଗୋଷ୍ଠୀର ସଭାନେତ୍ରୀ ଦମୟନ୍ତୀ ପ୍ରଧାନ, ମାନପୁର ବାଉରୀବନ୍ଧୁ ଏମ୍‌ଇ ସ୍କୁଲର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ୭ଜଣ ଅନୁରୂପ ଭାବେ ପୁରସ୍କୃତ ହୋଇଛନ୍ତି।

## ନୟାଗଡ଼ ଜିଲା ମନ୍ତ୍ରୀ ପଦ ହରାଇଲା

**ନୟାଗଡ଼ ଅଫିସ,୫।୬**

ନୟାଗଡ ଜିଲାର ବିଧାୟକ ଅରୁଣ ସାହୁ ଜିଲାର ଏକମାତ୍ର ମନ୍ତ୍ରୀ ଥିଲେ। ନୂଆକରି ରବିବାର ମନ୍ତ୍ରିମଣ୍ଡଳ ପରେ ନୟାଗଡ଼ ଜିଲାର କାହାକୁ ମନ୍ତ୍ରୀ ପଦ ମିଳିନାହିଁ। ନୟାଗଡ଼ ଜିଲାରେ ନୟାଗଡ଼, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ଆଦି ୪ଟି ନିର୍ବାଚନମଣ୍ଡଳୀ ରହିଛି। ଏଠାରୁ ଜଣେ ବିଧାୟକଙ୍କୁ ମନ୍ତ୍ରୀ କରିବାର ଆବଶ୍ୟକତା ଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମ୍ୟୁନିସିପାଲିଟି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ନାହିଁ

**ନୟାଗଡ଼ ଅଫିସ,୫।୬**

ନୟାଗଡ଼ ବ୍ଲକ ଅଧ୍ୟକ୍ଷଙ୍କର ନୂତନ କକ୍ଷ ରବିବାର ଉଦ୍‌ଘାଟନ ହୋଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବିଡିଓ ଭିକାରୀ ସାହୁ ଉପସ୍ଥିତ ଥିଲେ। ତେବେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷାଙ୍କର ବସିବାକୁ ସ୍ୱତନ୍ତ୍ର ପ୍ରକୋଷ୍ଠ ନାହିଁ। ମ୍ୟୁନିସିପାଲିଟିର ଅଧ୍ୟକ୍ଷାଙ୍କର ପ୍ରକୋଷ୍ଠ କରିବାକୁ ଦାବି ହେଉଛି।

## ପ୍ରକୃତି ମିତ୍ର ପୁରସ୍କାର

**ନୟାଗଡ଼ ଅଫିସ,୫।୬**

ବିଶ୍ୱ ପରିବେଶ ଦିବସ ଅବସରରେ ନୟାଗଡ଼ ଭାପୁରର ପଦ୍ମାବତୀ ପାଠାଗାର, ନୂଆଗାଁର ସେବା ଉତ୍ସବ ସମିତି, ବନମାଳୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିଖରପୁର ପ୍ରକୃତି ମିତ୍ର ପୁରସ୍କାର ୨୦୨୨ ଆର୍ଥିକ ବର୍ଷରେ ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍ସବରେ ମିଳିଛି। ସେହିପରି ୨୦୨୧ ଆର୍ଥିକ ବର୍ଷ ପାଇଁ କ୍ରୀଡାଶପୁରର ଆଞ୍ଚଳିକ ହାତୀମୁଣ୍ଡା ଜଙ୍ଗଲ ସୁରକ୍ଷା ପରିଚାଳନା କମିଟି ସମ୍ପାଦକ ଶ୍ରୀବତ୍ସ ପାଣିଗ୍ରାହୀ, ଭାପୁର ବ୍ଲକ ବଡସାହାରା ଆଦର୍ଶବାଦୀ ଯଙ୍ଗଷ୍ଟାର କ୍ଲବର ସମ୍ପାଦକ ସତ୍ୟବ୍ରତ ମହାରଣା ଅନୁରୂପ ଭାବେ ପ୍ରକୃତି ମିତ୍ର ପୁରସ୍କାର ପାଇଛନ୍ତି।

## କାଳବୈଶାଖୀରେ ଶିକ୍ଷାନୁଷ୍ଠାନର କ୍ଷତି

**ଆର.ଉଦୟଗିରି,୫।୬(ଡି.ଏନ.ଏ.)**

ମୋହନା ବ୍ଲକର ମୋହନା ପଞ୍ଚାୟତରେ କାଳବୈଶାଖୀରେ ବ୍ୟାପକ କ୍ଷତି ହୋଇଛି। ପଞ୍ଚାୟତର କଣ୍ଟେଇକୋଳି ଗ୍ରାମ ନିକଟରେ ଥିବା ଏମ୍‌କେସିଜି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଥିବା କିଛି ମୂଲ୍ୟବାନ ଗଛ ଭାଙ୍ଗିପଡିବା ସହ ଭୋଜନାଳୟ ସହ ଶ୍ରେଣୀଗୃହ ଟିଣ ଉଡିଯାଇଛି। ବର୍ଷାରେ କାନ୍ଥବାଡ ଧୋଇ ହୋଇଛି। ଗଛପଡି ୨୦୦୦ ଲିଟର ଧାରଣ କରୁଥିବା ପାଣି ଟାଙ୍କିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହାସହିତ ପ୍ରାୟ ୫ ଟି ସିସି ଟିଭି କେମେରା ମଧ୍ୟ ନଷ୍ଟ ହୋଇଯାଇଛି। ପରିଚାଳନା କମିଟି ଓ କର୍ମଚାରୀବୃନ୍ଦ ଉକ୍ତ କ୍ଷୟକ୍ଷତିର ଅନୁସନ୍ଧାନ କରି ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଜିଲା ପ୍ରସାସନ ନିକଟରେ ନିବେଦନ କରିଛନ୍ତି।

## ପଦ୍ମାଦେବୀ ପାଠାଗାରକୁ ପ୍ରକୃତି ମିତ୍ର ପୁରସ୍କାର

**ଭାପୁର,୫।୬ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ଅଧୀନ ବାରବାଟୀ ଗ୍ରାମର ଥିବା ପଦ୍ମାଦେବୀ ପାଠାଗାରକୁ ବିଶ୍ୱ ପରିବେଶ ଦିବସରେ ପ୍ରକୃତି ମିତ୍ର ପୁରସ୍କାର ଦିଆଯାଇଛି। ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଛି।

ପ୍ରତିବର୍ଷ ଜୁନ୍ ୫ ରେ ଜଙ୍ଗଲ, ପରିବେଶ ଜଳବାୟୁ ବିଭାଗ ଦ୍ୱାରା ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଥାଏ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସଚିବ ମୋନା ଶର୍ମା ଓ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ରାଜୀବ କୁମାର ଏବ ° ସୁଶାନ୍ତ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଭାପୁର ବ୍ଲକର ବାରବାଟୀ ଗ୍ରାମର ପଦ୍ମାଦେବୀ ପାଠାଗାର କ୍ଲବକୁ ପ୍ରକୃତି ମିତ୍ର ପୁରସ୍କାର ଦିଆଯାଇଥିଲା। ଏହି ପୁରସ୍କାର ପାଠାଗାରର ସଭାପତି ସନାତନ ଷଡଙ୍ଗୀ ଗ୍ରହଣ କରିଥିଲେ।



ପଦ୍ମାଦେବୀ ପାଠାଗାରକୁ ପୁରସ୍କୃତ କରାଯାଉଛି।

## ପରିବେଶ ସୁରକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରଥମ କର୍ତ୍ତବ୍ୟ



ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଗଣିଆ,୫।୬ (ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସଞ୍ଚାର ଅନୁଷ୍ଠାନ ଆନୁକୂଲ୍ୟରେ ଓ ଗ୍ରାମୀଣ ଶ୍ରମଜୀବୀ ଚେତନା ସଙ୍ଗଠନ, ଛାମୁଣ୍ଡିଆ ସହଯୋଗରେ ବିଶ୍ୱ ପରିବେଶ ଦିବସ ରବିବାର ପାଳିତ ହୋଇଯାଇଛି। ଦିନକୁଦିନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପରିବେଶର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ। ଜଙ୍ଗଲ ଓ ଜଳର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ବିଶ୍ୱ ପରିବେଶ ଦିବସରେ ଆହ୍ୱାନ ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଛାମୁଣ୍ଡିଆ ସମିତିସଭ୍ୟା ସସ୍ମିତା ଦଳେଇ, ଈଶ୍ୱରପୁର ଗ୍ରାମ ସଭାପତି ଗୋଲେଖ ବିହାରୀ ନାୟକ, ପ୍ରଧାନ ଶିକ୍ଷକ ନାରାୟଣ ଦଳେଇ ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ ସମ୍ପର୍କରେ ବୁଝାଇ ଥିଲେ। ବିଶେଷକରି ଜଙ୍ଗଲ କ୍ଷୟ ତୁଳନାରେ ଅଧିକ ପରିମାଣରେ ନୂତନ ଜଙ୍ଗଲ ସୃଷ୍ଟି କରାଯିବା ସହ, ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ପ୍ରତ୍ୟେକ ଲୋକ ଗୁରୁତ୍ୱ ଦେବାକୁ ଅତିଥିମାନେ ଉପସ୍ଥିତ ଲୋକଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ, ସ୍ଥାନୀୟ ଗୁପ୍ତେଶ୍ୱର ବିଦ୍ୟାପୀଠ ଓ ଈଶ୍ୱରପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର,ବନ ବିଭାଗ କର୍ମଚାରୀ, ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଇଡିସି କମିଟିର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କ ସହ ଈଶ୍ୱରପୁର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା ଯୋଗ ଦେଇଥିଲେ। ଆମେ ଓ ଆମ ପରିବେଶ ସମ୍ପର୍କିତ ବିଷୟ ଉପରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ସିଲ ସହ ପାଠ୍ୟ ଉପକରଣ ଦିଆଯାଇଥିଲା। ଶେଷରେ ପରିବେଶର ସୁରକ୍ଷା ନିମନ୍ତେ ଉପସ୍ଥିତ ସମସ୍ତ ବ୍ୟକ୍ତି ଶପଥପାଠ କରିଥିଲେ। ସେହିପରି ବଡଶିଲିଙ୍ଗା ପଞ୍ଚାୟତ ଗୋଛାବରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଦିମ ଅଧିବାସୀ ମୁକ୍ତିମଞ୍ଚ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।

## ଜୁଲାଇ ୧୦ରେ ହୀରକ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ

**ନୟାଗଡ଼ ଅଫିସ,୫।୬**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁତାନ ଛାତ୍ର ସଂଘର ସଭାପତି ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ବତନ ସିଡିଏମ୍‌ଓ ସୁରେଶ ଚନ୍ଦ୍ର ମିଶ୍ର, ପୂର୍ବତନ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ଓ ସ୍ୱେଚ୍ଛାସେବୀ ଅରୁଣ ମହାନ୍ତି ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ ଆନୁଷ୍ଠାନିକ ଭାବେ ସ୍ୱାଗତ ଭାଷଣ ଦେଇଥିବାବେଳେ ପୁରୁଣା ଛାତ୍ରୀଛାତ୍ରଙ୍କ ଆବାହକ ବିଶ୍ୱନାଥ ମହାପାତ୍ର ହୀରକ ଜୟନ୍ତୀର କାର୍ଯ୍ୟକ୍ରମ ଉପରେ ପ୍ରସ୍ତାବ ରଖିଥିଲେ। ଜୁଲାଇ ୯ରେ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ହେବ। ଏଣୁ ଜୁଲାଇ ୧୦ରେ ହୀରକ ଜୟନ୍ତୀର ଉଦ୍‌ଘାଟନ ଉତ୍ସବ ପାଳନ ହେବ। ସେହିପରି ନଭେମ୍ବର ୨ୟ ସପ୍ତାହଠାରୁ ସପ୍ତାହେ ବ୍ୟାପୀ ସମାରୋହ ହେବ। ବିଭିନ୍ନ ବିଷୟ ଉପରେ ବୌଦ୍ଧିକ ଆଲୋଚନା ଚକ୍ର, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୈକ୍ଷିକ ପ୍ରତିଯୋଗିତା, ସଂସ୍କୃତି କାର୍ଯ୍ୟକ୍ରମ, ପ୍ରଥମ ବ୍ୟାଚର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପୁରାତନ ଛାତ୍ରୀଛାତ୍ର, ପୂର୍ବତନ ଅଧାପକଙ୍କୁ ସମ୍ବର୍ଦ୍ଧନା ଦିଆଯିବ। କାର୍ଯ୍ୟକ୍ରମ ପାଇଁ ସହାୟତା ସଂଗ୍ରହ କରାଯିବା ଗୃହିତ ହୋଇଛି। ପୁଣି ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ନୟାଗଡ଼ କଲେଜରେ ପ୍ରସ୍ତୁତି ବୈଠକ

## ସ୍କୁଲର ଭିଡିଓଗ୍ରାଫି କରିବାକୁ ଆସି ହଟହଟା ହେଲେ ଯନ୍ତ୍ରୀ

**ନୂଆଗାଁ, ୫।୬ (ଡି.ଏନ.ଏ.)**



ଯନ୍ତ୍ରୀଙ୍କୁ ଅଭିଯୋଗ କରୁଛନ୍ତି ଲୋକେ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ୫-ଟି ସ୍କୁଲରେ ରୂପାନ୍ତରିତ କରିବାକୁ ସରକାର ଅନୁଦାନ ଦେଇଛନ୍ତି। କାମ ଶେଷ ହୋଇଥିବା ଦର୍ଶାଇ ତାହାର ଭିଡିଓଗ୍ରାଫି କରିବାକୁ ରବିବାର ନୂଆଗାଁ ବ୍ଲକ ପ୍ରଶାସନ ଯନ୍ତ୍ରୀ ଓ କ୍ୟାମେରାମ୍ୟାନ ଯାଇ ସ୍କୁଲରେ ପହଞ୍ଚି ଥିଲେ। ତେବେ ତାହାକୁ ଅଞ୍ଚଳବାସୀ ଓ ସ୍କୁଲ ପରିଚାଳନା କମିଟି ବିରୋଧ କରିବା ଯୋଗୁ ଯନ୍ତ୍ରୀ ହଟହଟା ହୋଇ ଫେରିଥିବା ଦେଖିବାକୁ ମିଳିଛି।

ନୂଆଗାଁ ବ୍ଲକର ୯ଟି ହାଇସ୍କୁଲକୁ ରୂପାନ୍ତରଣ କରିବାକୁ ସରକାର ନିଷ୍ପତ୍ତି ନେଇ ପ୍ରତି ସ୍କୁଲକୁ ୪୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରିଛନ୍ତି। ସେହି ଅନୁଦାନରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ସ୍କୁଲରେ ୨ଟି ସ୍ମାର୍ଟ କ୍ଲାସ ରୁମ୍, ବିଜ୍ଞାନାଗାର ଗୃହ, ଲାଇବ୍ରେରୀ ଗୃହ କରିବା ସହ ସ୍କୁଲର ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟୟ କରିବାକୁ ନିର୍ଦ୍ଦେଶ ରହିଛି। ବଳକା ୧୦ ଲକ୍ଷ ଟଙ୍କା ପରବର୍ତ୍ତୀ ସମୟରେ ମରାମତି କାର୍ଯ୍ୟରେ ବ୍ୟୟ କରାଯିବ। ଅତ୍ୟାବଶ୍ୟକ ସ୍ଥଳେ ପଞ୍ଚାୟତରୁ ଅନୁଦାନ ଦେଇ ଅଧିକ କାର୍ଯ୍ୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ସ୍କୁଲ ରୂପାନ୍ତରଣ ପାଇଁ ଦିଆଯାଇଥିବା ଅନୁଦାନର ବ୍ୟୟକୁ ସ୍କୁଲ ପରିଚାଳନା କମିଟି, ଅଭିଭାବକ, ସ୍କୁଲ ଆଲୁମ୍‌ନି କମିଟି ଯାଞ୍ଚ କରିବା ସହ ଉକ୍ତ ଟଙ୍କାରୁ ଗୋଟିଏ ଟଙ୍କା ଅପବ୍ୟୟ ନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସ୍କୁଲକୁ ସୌନ୍ଦର୍ଯ୍ୟକରଣ କରିସାରିବା ପରେ ଭିଡିଓଗ୍ରାଫି କରି ୫-ଟି ସଚିବଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ସେହି ଅନୁସାରେ ମହୀପୁର ସ୍କୁଲର ଭିଡିଓଗ୍ରାଫି କରିବାକୁ କନିଷ୍ଠ ଯନ୍ତ୍ରୀ ମୋନାଲିସା ଶତପଥୀ, ସହକାରୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡା ଓ କ୍ୟାମେରାମ୍ୟାନ ପହଞ୍ଚି ଥିବା ଜାଣିପାରି ସ୍ଥାନୀୟ ଲୋକେ ସ୍କୁଲ ଯାଇ ବିରୋଧ କରିଥିଲେ।

### ବିରୋଧ କଲେ ଅଞ୍ଚଳବାସୀ

ସ୍କୁଲ ପରିଚାଳନା କମିଟିର ସଭାପତି ରାଜକିଶୋର ସାହୁ, ଗ୍ରାମ ସଭାପତି ଧୀରେନ୍ଦ୍ର କୁମାର ଦାଶଙ୍କ ସମେତ କମିଟି ସଭ୍ୟ ଓ ସ୍ଥାନୀୟ ଲୋକେ ଦୁଇ ଯନ୍ତ୍ରୀଙ୍କୁ ନିମ୍ନମାନର ଓ ଅଧାପନ୍ତରିଆ କାମ ଗୋଟି ଗୋଟି କରି ଦେଖାଇଥିଲେ। ରୂପାନ୍ତରିତ ସ୍କୁଲର ସମସ୍ତ କାର୍ଯ୍ୟ ହୋଇ ନ ଥିବା ବେଳେ ୩୫ ଲକ୍ଷ ଟଙ୍କାରୁ ଅଳ୍ପ କିଛି ଟଙ୍କା ବ୍ୟୟ କରି ଯନ୍ତ୍ରୀ ଓ ଠିକାଦାର ଅନୁଦାନ ହଡପ କରିବାକୁ ବସିଛନ୍ତି ବୋଲି ଅଭିଯୋଗ କରିଥିଲେ। ତେଣୁ ସ୍କୁଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ କାର୍ଯ୍ୟର ସମସ୍ତ ବ୍ୟୟ ବିବରଣୀ ଦେବା ପରେ ସ୍କୁଲର ଭିଡିଓଗ୍ରାଫି କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିବା ସହ ଯନ୍ତ୍ରୀଙ୍କୁ ଫେରାଇ ଦେଇଥିଲେ। ଅଭିଯୋଗ ସଂକ୍ରାନ୍ତରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଭଲ କାମ କରିବାକୁ ଆମେ ସର୍ବଦା ଚେଷ୍ଟା କରୁଛୁ। ତେବେ ନିଜେ ଯାଇ ଉକ୍ତ କାମକୁ ତଦାରଖ କରିବି ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ୨ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଲେ ଦୁର୍ବୃତ୍ତ



**ଖଣ୍ଡପଡ଼ା,୫।୬(ସ୍ୱ.ପ୍ର.) :** ଖଣ୍ଡପଡ଼ା ଥାନା ଅଧୀନ ରାଣୀପଡ଼ା ପଞ୍ଚାୟତର ବିରିଡ଼ିହି ଗାଁର ୨ଭାଇଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସମେତ ସୁନା, ରୁପା ଗହଣା ଆଦି ସବୁ ଲୁଟି ନେଇଥିବା ରବିବାର ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କଠାରୁ ପ୍ରକାଶ। ବିରିଡ଼ିହି ଗାଁର ପ୍ରହଲ୍ଲାଦ ପଣ୍ଡାଙ୍କ ପରିବାର ଘରେ ଶୋଇଥିବା ଅବସ୍ଥାରେ ଦୁର୍ବୃତ୍ତମାନେ ଘରର କବାଟ ଭାଙ୍ଗି ଘରେ ପ୍ରବେଶ କରି ଲୁଟ୍‌ପାଟ କରିଥିଲେ। ଦୁର୍ବୃତ୍ତମାନେ ଗଦରେଜ ଆଲମିରା ଭାଙ୍ଗି ୧ ଲକ୍ଷ ଟଙ୍କା ସମେତ ସୁନା ହାର, ୬ଟି ସୁନା ମୁଦି ନେଇଯାଇଛନ୍ତି। ପଡ଼ୋଶୀ ସମ୍ପର୍କୀୟ ଭାଇ ପ୍ରଦୀପ କୁମାର ପଣ୍ଡାଙ୍କ ଘରୁ ସମାନ ଢ଼ଙ୍ଗରେ ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡ଼ିଛି।

## ସିଦ୍ଧେଶ୍ୱରଙ୍କ ମନ୍ଦିରରେ ଶୀତଳଷଷ୍ଠୀ



ମନ୍ଦିର ପରିସରରେ ଦେବଦମ୍ପତିଙ୍କ ବିବାହ ଲାଗି ପୂଜାର୍ଚ୍ଚନା ଚାଲିଛି।

**ଦଶପଲ୍ଲା ୫।୬(ଡି.ଏନ.ଏ.) :** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତର ଗୋବିନ୍ଦପୁର ପାଟଣାରେ ଶନିବାର ଶୀତଳଷଷ୍ଠୀରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବିବାହ ଉତ୍ସବରେ ବରପିତା ଭାବେ ମହେଶ୍ୱର ନନ୍ଦ ଓ କନ୍ୟାପିତା ଭାବେ କୃଷ୍ଣଚନ୍ଦ୍ର ସାହୁ ସାହି ସାହି ବୁଲି ସବୁ ମନ୍ଦିରର ଦେବଦେବୀ ଏବଂ ବନ୍ଧୁ ବାନ୍ଧବ ସମସ୍ତଙ୍କୁ ସପରିବାର ଏହି ପବିତ୍ର ଶିବ ପାର୍ବତୀ ବିବାହ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରିତ କରିଥିଲେ। ଫଳରେ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଜନଗହଳି ହୋଇଥିଲା।

# ରଥ ନିର୍ମାଣ ପାଇଁ କାଠ ଦେଲାନି ବନ ବିଭାଗ

- ପ୍ରୋଭିଜନ ନାହିଁ କହି ମନାକଲେ ଡିଏଫ୍‌ଓ
- ରୟାଲ୍‌ଟି ନେଇ ପ୍ରତିବର୍ଷ ଜବତ ଶାଳ କାଠ ଦେଉଥିଲେ କିପରି
- ନୟାଗଡ଼, ଶରଣକୁଳରେ ରଥ ନିର୍ମାଣ ନେଇ ଉଠିଲା ପ୍ରଶ୍ନ
- ଆନ୍ଦୋଳନ ପାଇଁ ସଜବାଜ ଜଗନ୍ନାଥପ୍ରେମୀ

**ନୟାଗଡ଼ ଅଫିସ,୫।୬**

ନୟାଗଡ଼ ପୁରୁଣା ସହରର ଶ୍ରୀଜଗନ୍ନାଥ ଜୀଉ ଓ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଜଗନ୍ନାଥଙ୍କ ରଥ ନିର୍ମାଣ ଉଦ୍ଦେଶ୍ୟରେ ଶାଳକାଠ ଦେବାକୁ ନୟାଗଡ଼ ବନ ବିଭାଗ ମନା କରିଦେଇଛି। ପୁରୀର ଶ୍ରୀଜୀଉ ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରକୁ ଛାଡ଼ିଦେଲେ ଅନ୍ୟ ମନ୍ଦିରର ରଥ ନିର୍ମାଣ ପାଇଁ କାଠ ଦେବାକୁ ପ୍ରୋଭିଜନ ନାହିଁ କହି ଡିଏଫ୍‌ଓ ମନା କରିବା ପରେ ଜଗନ୍ନାଥପ୍ରେମୀଙ୍କ ମନରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଆସନ୍ତା ଜୁଲାଇ ୧ରେ ରଥଯାତ୍ରା ହେବାକୁ ଥିବାବେଳେ ନୟାଗଡ଼ ଓ ଶରଣକୁଳରେ ରଥ ନିର୍ମାଣ କିପରି ହେବ ସେନେଇ ଦେବୋତ୍ତର ବିଭାଗକୁ ଚିନ୍ତା ଘାରିଛି। ପ୍ରତିବର୍ଷ ନୟାଗଡ଼ ଡିଏଫ୍‌ଓ ରୟାଲଟି ନେଇ ଜବତ କାଠରୁ ଉଭୟ ମନ୍ଦିରକୁ ଆବଶ୍ୟକ କାଠ ଯୋଗାଉଥିଲେ କିପରି ବୋଲି ପ୍ରଶ୍ନ ଉଠିଛି। ବିଗତ ବର୍ଷରେ ରଥ ପାଇଁ କାଠ ଦେଉଥିଲାବେଳେ ୨୦୨୨ ରଥଯାତ୍ରା ପାଇଁ ଶାଳକାଠ ଯୋଗାଇବାରେ ଅସୁବିଧା କେଉଁଠି ରହିଲା ବୋଲି କେତେଜଣ ଜଗନ୍ନାଥପ୍ରେମୀ ପ୍ରଶ୍ନ କରିଛନ୍ତି। ଆସନ୍ତା ୮ ତାରିଖରେ ରଥଯାତ୍ରାର ପ୍ରସ୍ତୁତି ବୈଠକ ପରେ ଜଗନ୍ନାଥପ୍ରେମୀମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

ରବିବାର ବିଶ୍ୱ ପରିବେଶ ଦିବସରେ ଡିଏଫ୍‌ଓଙ୍କ ଉପସ୍ଥିତିରେ ନୟାଗଡ଼ ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ନୟାଗଡ଼ ଓ ଶରଣକୁଳ ରଥ ପାଇଁ ବନ ବିଭାଗ କାଠ ଦେବାକୁ ମନା କରିଦେଇଛି। ଏ ନେଇ ଉପଜିଲାପାଳ ତଥା ନୟାଗଡ଼ ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ରାଉତଙ୍କୁ ପଚାରିବାରୁ ନୟାଗଡ଼ ରଥ ପାଇଁ ୨୮ରେ ୪ ଫୁଟର ୧୨ଟି ଲଗ୍, ୨୪ରେ ୪ ଫୁଟର ୬ଟି ଲଗ୍, ୧୮ରେ ୫ଫୁଟର ୧୦ଟି ଲଗ୍, ୧୫ରେ ୫ଫୁଟର ୧୫ ଲଗ୍, ୧୧ରେ ୫ଫୁଟର ୧୦ ଲଗ୍ ଏପରି ମୋଟ୍‌ରେ ୫୩ ଶାଳ ଲଗ୍ ଦରକାର। ସେହିପରି ଶରଣକୁଳ ଜଗନ୍ନାଥଙ୍କ ରଥ ପାଇଁ ୧୫ରେ ୫ଫୁଟ୍ ୪ ଲଗ୍, ୧୪ରେ ୪ ଫୁଟ୍ ୫ ଲଗ୍, ୧୨ରେ ୫ଫୁଟ୍ ୪ ଲଗ୍, ୧୦ରେ ୪ ଫୁଟ୍ ୪ ଲଗ୍, ୭ରେ ୪ ଫୁଟ୍ ୪ ଲଗ୍ ଏପରି ମୋଟ୍‌ରେ ୨୧ ଶାଳ ଲଗ୍ ଅନୁରୂପ ଭାବେ ଦରକାର। ଉଭୟ ମନ୍ଦିରର ରଥ ଉଦ୍ଦେଶ୍ୟରେ ୭୪ ଲଗ୍ ଶାଳକାଠ ଯୋଗାଇବାକୁ ବନ ବିଭାଗକୁ ପତ୍ରାଙ୍କ ସଂଖ୍ୟା ୨୭୧/୧୫।୩।୨୦୨୨ରେ ଚିଠି କରାଯାଇଥିଲା। ହେଲେ କାଠର ଅଭାବ ଦର୍ଶାଇ ଡିଏଫ୍‌ଓ କାଠ ଦେବାକୁ ମନା କରିଦେଇଛନ୍ତି। ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ପଟ୍ଟନାୟକ କୁହନ୍ତି, ରଥ ନିର୍ମାଣ ପାଇଁ ଉପଜିଲାପାଳ ଡିଏଫ୍‌ଓଙ୍କୁ ଶାଳକାଠ ମାଗିଥିଲେ। ପ୍ରତିବର୍ଷ ଜବତ କାଠରୁ ରୟାଲଟି ନେଇ ଶାଳକାଠ ଡିଏଫ୍‌ଓ ଦେଉଥିଲେ। ସେହି କାଠରେ ନୟାଗଡ଼ ଓ ଶରଣକୁଳରେ ରଥ ନିର୍ମାଣ ହେଉଥିଲା। ଚଳିତ ବର୍ଷ ଉପଜିଲାପାଳଙ୍କ ଚିଠି ପାଇବା ପରେ ପ୍ରୋଭିଜନ ନାହିଁ ଦର୍ଶାଇ ଡିଏଫ୍‌ଓ ଜବତ ଶାଳ କାଠ ଦେବାକୁ ମନା କରିଦେଇଥିଲେ। ରଥ ନିର୍ମାଣର ଅସୁବିଧା ଦର୍ଶାଇବା ପରେ ଦଶପଲ୍ଲାର ପ୍ରସ୍ତାବିତ ରେଳପଥ ଉପରେ ଶାଳଗଛ ଥିବା କହିଥିଲେ। ରେଳ ବିଭାଗର ଅନୁମତି ନେଇ କାଠ କାଟିବାକୁ କହିଥିଲେ। ବିଭାଗର ଅନୁମତି ନେଇ ଗଛ କାଟିବାକୁ ଗଲାବେଳେ ସେଠାରେ ଗଛ ନ ଥିଲା। ଏଣୁ ଅଯଥାରେ ଦେବୋତ୍ତର ବିଭାଗ କ୍ଷତିରେ ପଡ଼ିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ମନ୍ଦିରର ରଥ ପାଇଁ କାଠ ଓଡ଼ିଶା ଫରେଷ୍ଟ ଡେଭେଲପ୍‌ମେଣ୍ଟ କର୍ପୋରେଶନ(ଓଏଫ୍‌ଡିସି)ଠାରୁ ଆଣିବାକୁ ଅନୁରୂପ ଭାବେ ଡିଏଫ୍‌ଓ ପରାମର୍ଶ ଦେଲେ। ହେଲେ ବଜାର ଦର ଅନୁସାରେ ଓଏଫ୍‌ଡିସି ଶାଳକାଠ ଯୋଗାଇବ ବୋଲି କହିଥିଲା। ଚଳିତ ବର୍ଷ ଆବଶ୍ୟକ ରଥ କାଠ କିଣିବାକୁ ହେଲେ ୧୦ ଲକ୍ଷ ଟଙ୍କା ଦରକାର। ଦେବୋତ୍ତର ବିଭାଗ ପାଖରେ ଟଙ୍କା ନ ଥିବାରୁ ବିଭାଗ ଶାଳ କାଠ କିଣିପାରିନାହିଁ ବୋଲି ଉପଜିଲାପାଳ ରାଉତ କହିଛନ୍ତି। ଶରଣକୁଳ ଲଡୁବାବା ମନ୍ଦିର ପରିଚାଳକ ସୁବାସ ବରାଡଙ୍କୁ ପଚାରିବାରେ ନୟାଗଡ଼ ରଥ ପାଇଁ କାଠ ମିଳୁନି। ଶରଣକୁଳ ପାଇଁ କାଠ ମିଳିବା କାଠିକର ପାଠ। ତେବେ ରଥ ନିର୍ମାଣ କିପରି କରାଯିବ ସେନେଇ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ନେଇ ପୁଣି ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ପ୍ରୋଭିଜନ ନ ଥିବାରୁ ନୟାଗଡ଼ ଓ ଶରଣକୁଳ ରଥ ପାଇଁ କାଠ ଯୋଗାଯାଇପାରୁ ନାହିଁ। ଜଗନ୍ନାଥପ୍ରେମୀ ସନ୍ତୋଷ ପ୍ରଧାନ କୁହନ୍ତି, ନୟାଗଡ଼ ବନଖଣ୍ଡରୁ କାଠ ପୁରୀ ଓ ଭୁବନେଶ୍ୱର ଯାଉଛି। ନୟାଗଡ଼ ଓ ଶରଣକୁଳ ରଥଯାତ୍ରା ପାଇଁ ବନ ବିଭାଗ କାଠ ଦେବାକୁ ମନା କରିବା ଘଟଣା ସମସ୍ତଙ୍କୁ ଦୁଃଖ ଦେଉଛି। ପ୍ରତିବର୍ଷ ଯେପରି କାଠ ଯୋଗାଉଥିଲେ ଚଳିତବର୍ଷ ସେପରି ନ ଯୋଗାଇଲେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।



ରଥ ପାଇଁ କାଠ ଅଭାବ ଯୋଗ ନିର୍ମାଣରେ ବିଳମ୍ବ ହେଉଛି।

## ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲେ ରାମ

**ଖଣ୍ଡପଡ଼ା, ୫।୬ (ସ୍ୱ.ପ୍ର.)**

କଣ୍ଟିଲୋ ରଘୁନାଥ ଜୀଉ ନାଟ୍ୟ ସମିତି ମାଧବଚୌଧୁରୀ ପାଟଣା ଆନୁକୂଲ୍ୟରେ ଶନିବାର ୨ୟ ରାତିରେ ପୁରାଣର କଥାବସ୍ତୁକୁ ନେଇ ଶିବଧନୁ ଭଗ୍ନ ସହ ସୀତା ବିବାହ ଓ ମିଥିଳା ପ୍ରବେଶ ନାଟକ ପରିବେଷଣ ହୋଇଯାଇଛି। ଜନକଙ୍କ ସର୍ତ୍ତ ଥିଲା, ଯିଏ ଶିବଧନୁ ଭାଙ୍ଗିବ ସୀତା ତାଙ୍କରି ଗଳାରେ ବରଣମାଳା ଦେବେ। ଏଥିପାଇଁ ଆୟୋଜିତ ସଭାରେ ବିଭିନ୍ନ ଦେଶରୁ ରାଜାମାନେ ଆସି ସ୍ୱୟଂବର ସଭାରେ ଉପସ୍ଥିତ ଥିଲେ। ଲଙ୍କା ନରେଶ ରାବଣ ମଧ୍ୟ ସଭାକୁ ଆସିଥିଲେ। ନିଜକୁ ତ୍ରିଭୁବନ ବିଜୟୀ ଭାବୁଥିବା ରାବଣ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିବେ ବୋଲି ଆଶା ବାନ୍ଧିଥିଲେ। ମାତ୍ର ଶିବଧନୁ ଭାଙ୍ଗିବା ଦୂରେ ଥାଉ, ଉଠାଇ ମଧ୍ୟ ପାରିଲେନି। ପରେ ଉପସ୍ଥିତ ଅନ୍ୟ ସମସ୍ତ ରାଜା ଧନୁକୁ ଉଠାଇବା ପାଇଁ ସକ୍ଷମ ନ ହୋଇ ବାଧ୍ୟହୋଇ ସ୍ୱୟଂବର ସଭା ପରିତ୍ୟାଗ କରିଥିଲେ। ପରେ ବିଶ୍ୱାମିତ୍ର ମୁନିଙ୍କ ନିର୍ଦ୍ଦେଶକ୍ରମେ ରାମଚନ୍ଦ୍ର ଶିବଧନୁକୁ ଭୂମିରୁ ଉଠାଇ ଭଗ୍ନ କରିଥିଲେ। ଜନକଙ୍କ ସର୍ତ୍ତକ୍ରମେ ରାମଚନ୍ଦ୍ର ସୀତାଙ୍କୁ ବିବାହ କରିଥିଲେ। ସୀତାଙ୍କୁ ବିବାହ କରି ବିଶ୍ୱାମିତ୍ରଙ୍କ ପରାମର୍ଶକ୍ରମେ ସେମାନେ ଅଯୋଧ୍ୟା ଗମନ କରିଥିଲେ। ଏହି ନାଟକ ଦେଖିବାକୁ ବିଳମ୍ବିତ ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ବହୁସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମଞ୍ଚସ୍ଥ ନାଟକରେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଶିଶୁ କଳାକାର ବିଶ୍ୱନାଥ, ଗୁଡୁ ଓ ଶତ୍ରୁଘ୍ନ ଅଭିନୟ କରିଥିଲେ। ସେହିପରି ଜନକ, ବିଶ୍ୱାମିତ୍ର, ପର୍ଶୁରାମ ଭୂମିକାରେ ଯଥାକ୍ରମେ ଶିଶିର, ବିଧାନ, ବାବୁଲା ମହାରଣା ପ୍ରମୁଖ ଅଭିନୟ କରିଥିଲେ। ନାଟ୍ୟ ପରିଚାଳନାରେ ବସନ୍ତ, ସରୋଜ, ପବିତ୍ର, କାଳନ୍ଦୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ।




ଶିବ ଧନୁକୁ ରାମଚନ୍ଦ୍ର ଭାଙ୍ଗୁଛନ୍ତି।

## ୨୪ ଦିନରେ ମା' ମହାମାୟୀ ଯାତ୍ରା

**କବିସୂର୍ଯ୍ୟନଗର, ୫।୬(ଡି.ଏନ.ଏ.)**

କବିସୂର୍ଯ୍ୟନଗରର ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀଙ୍କ ଯାତ୍ରା ୨୪ ଦିନରେ ପହଞ୍ଚିଛି। ସୋମବାର ହେବ ମା'ଙ୍କ ଶେଷ କୋଠ ଘଟ ପରିକ୍ରମା। ମା'ଙ୍କୁ ଦର୍ଶନ ଲାଗି ଅସ୍ଥାୟୀ ମନ୍ଦିରରେ ପ୍ରବଳ ଭକ୍ତ, ଶ୍ରଦ୍ଧାଳୁ ଭିଡ଼ ଜମାଉଛନ୍ତି। ବିଭିନ୍ନ ସାହିରେ ପଡ଼ିଥିବା ମେଢ଼, ମୀନାବଜାର, ରାମଦୋଳି ଉପଭୋଗ କରିବାକୁ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ଜମୁଛି। ରବିବାର ଖରୁଡ଼ା ବାଡ଼ ଓ ଶେଷଦିନ ସୋମବାର ସହର ପରିକ୍ରମା କରାଯାଇ ମଙ୍ଗଳବାର ସକାଳୁ ମା' ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

ସେହିପରି ଖରୁଡ଼ା ବାଡ଼ରେ ରଥ ବେହେରା ସାହିରେ ଜଗନ୍ନାଥ ରଥ, ଅଞ୍ଜଳି ରଥ ଓ ଗଜଲକ୍ଷ୍ମୀ, ରାଧାକୃଷ୍ଣ ସାହିରେ ଅନନ୍ତ ଶୟନ ଓ ସମୁଦ୍ର ମନ୍ଥନ, ଗୋପୀନାଥ ପାଟଣାରେ ଭେଙ୍କଟେଶ୍ୱର ସ୍ୱାମୀ, ନୂଆ ଖରୁଡ଼ା ସାହିରେ କୃଷ୍ଣ ସୁଦାମା, ଶାସ୍ତ୍ରୀ ରୋଡ୍‌ରେ ଦତ୍ତାତ୍ରେୟ, ନଈସାହିରେ ଦାନବୀର ହରିଶ୍ଚନ୍ଦ୍ର, ଗଜଉଦ୍ଧାରଣ, କଣ୍ଢେଇ ନାଚ, ଜେନାସାହିରେ ସୀତା ଲବକୁଶ ଓ ବଳି ଦମନ ଓ ଅରବିନ୍ଦ ନଗରରେ ବସ୍ତ୍ରହରଣ ମେଢ଼ ଆଦି ମନୋହର ହୋଇଛି।

## ଦଶପଲ୍ଲାରେ ବିଶ୍ୱ ପରିବେଶ ଦିବସ




ବିଶ୍ୱ ପରିବେଶ ଦିବସରେ ଶୋଭାଯାତ୍ରା।

**ଦଶପଲ୍ଲା,୫।୬ ( ଡି.ଏନ.ଏ.)**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସମଗ୍ର ବିଶ୍ୱର ଜନଜୀବନ ପ୍ରଭାବିତ। ତାପମାତ୍ରା ବୃଦ୍ଧି ଯୋଗୁ ହିମ୍ ସ୍ଖଳନ ହେବା, ଗ୍ଲାସିୟର ତରଳିବା , ସମୁଦ୍ର ଜଳପତନ ବୃଦ୍ଧି ପାଉଥିବା ଆଦି ଭୟଙ୍କର ବିପଦର ମୂଳ କାରଣ ପରିବେଶର ଅସନ୍ତୁଳନ ସହ ପରିବେଶକୁ ନଷ୍ଟ କରିବା ଯୋଗୁ ହିଁ ଏସବୁ ହେଉଛି। ଦୂଷିତ ପରିବେଶ ଯୋଗୁ ପୃଥିବୀର ଆବରଣ ନଷ୍ଟ ହେବା ସହ ଅତି ବାଇଗଣୀ ରଶ୍ମି ସିଧା ସଳଖ ପୃଥିବୀ ଉପରେ ପଡିବା ଆରମ୍ଭ ହେଲାଣି। ଏଭଳିସ୍ଥିତିରେ ଆମେ ଯଦି ଆମ ନିଜ ପରିବେଶର ସୁରକ୍ଷା ପ୍ରତି ଧ୍ୟାନ ନ ଦେବା ତେବେ ସମୟ ଆସିବ ସମଗ୍ର ବିଶ୍ୱ ଜଳସମାଧି ହେବାକୁ ବେଶୀ ସମୟ ଲାଗିବନି ବୋଲି ବିଶ୍ୱ ପରିବେଶ ଦିବସ ଅବସରରେ ରବିବାର ଦଶପଲ୍ଲା ବନ ବିଭାଗ ରେଞ୍ଜ ଅଫିସର ନିଖିଳେଶ ମଲ୍ଲିକ କହିଛନ୍ତି। ବନ ବିଭାଗ ପକ୍ଷରୁ ଗୋଟିଏ ସଚେତନତା ରାଲି ଦଶପଲ୍ଲାର ଶ୍ରୀମହାବୀରଙ୍କ ମନ୍ଦିରଠାରୁ ବାହାରି ସମସ୍ତ ବଜାର ଅତିକ୍ରମ କରି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। ବିଭାଗର ବନପାଳ, ବନରକ୍ଷୀଙ୍କ ସମେତ ବିଭିନ୍ନ ଗାଁର ସ୍ୱେଚ୍ଛାସେବୀ ଏଥିରେ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।

# ଠିକାଦାର ରାଜସ୍ୱ ଫାଙ୍କି ମୋରମ ନେଉଥିବା ଅଭିଯୋଗ

**ନୂଆଗାଁ, ୫।୬ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତର ପଣସଖାଲ ଚେକ୍ ଡ୍ୟାମ ମରାମତି କାର୍ଯ୍ୟ ଚାଲିଛି। ସେଥିରେ ଲାଗୁଥିବା ମୋରମ ସରକାରୀ ଜାଗାରୁ ଅଣାଯାଉଛି। ତେବେ ମୋରମ ବାବଦରେ ରୟାଲ୍‌ଟି ରାଜସ୍ୱ ବିଭାଗକୁ ନ ଦେଇ ଠିକାଦାର ରାଜସ୍ୱ ଫାଙ୍କି ଚାଲିଥିବା ଅଭିଯୋଗ ହେଉଛି। କୃଷି କାର୍ଯ୍ୟ ଓ କୃଷକଙ୍କ ହିତ ସାଧନ ପାଇଁ ୧୯୮୦ରେ କାପ୍ତାପଲ୍ଲୀ ପଞ୍ଚାୟତ ବାହାଡାଖୋଲା ନିକଟବର୍ତ୍ତୀ ସ୍ଥାନରେ କ୍ଷୁଦ୍ର ଜଳ ସେଚନ ବିଭାଗ ଦ୍ୱାରା ପଣସଖାଲ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ତାହା ଭାଙ୍ଗିରୁଜିଯିବାରୁ ତାହାର ମରାମତି କରିବାକୁ ଟେଣ୍ଡର ମାଧ୍ୟମରେ ଠିକାଦାରଙ୍କୁ କାର୍ଯ୍ୟ ଦିଆଯାଇଛି। ମୋଟ ୪୯.୪୪ ଲକ୍ଷ ଟଙ୍କା ବ୍ୟୟରେ ଚେକ୍ ଡ୍ୟାମ୍‌ର ମରାମତି ସହ ରାସ୍ତାରେ ମୋରମ ପକାଇବାର ନିର୍ଦ୍ଦେଶ ରହିଛି। ତେବେ ଆବଶ୍ୟକ ଥିବା ମୋରମ ସରକାରୀ ଜାଗାରୁ ଆଣିଲେ ସେଥିପାଇଁ ରାଜସ୍ୱ ଦେବାକୁ ଥିବା ବେଳେ ଠିକାଦାର ତାହା କରୁନାହାନ୍ତି। ଲୁହାରଖଣି ମୌଜାର

**ପଣସଖାଲ ଚେକ୍ ଡ୍ୟାମ କାମ**

ଖାତା ନଂ. ୭୮ ଜମି କିସମ ଜଙ୍ଗଲ ଓ ରକ୍ଷିତ ଅନାବାଦୀ ମାଲିକାନା ଜାଗାରୁ ଶହ ଶହ ଟ୍ରିପ୍ ମୋରମ ଆଣି ଚେକ୍ ଡ୍ୟାମ ରାସ୍ତାରେ ପକାଯାଉଛି। ଉକ୍ତ ଜାଗାକୁ ଲାଗି ସଂରକ୍ଷିତ ଜଙ୍ଗଲ ରହିଥିବା ବେଳେ ମୋରମ ନେବା ପରେ ମାଟି ଧୋଇ ହୋଇଯିବାର ଭୟ ରହିଛି ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି। ରାଜସ୍ୱ ନ ଦେଇ ମୋରମ ନେବା ବାବଦରେ ବାହାଡାଖୋଲା ଆରଆଇ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ ରାଜସ୍ୱ ଦେବା ବାବଦରେ ନେତାଙ୍କ ସହ ଆଲୋଚନା କରିବେ ବୋଲି ଠିକାଦାର କହିଥିବା ସେ କହିଛନ୍ତି।



ମୋରମ ଖୋଳି ନିଆଯାଉଥିବା ସ୍ଥାନ।

## ଖୋଲାଗଲା ପାରଳା ଜଗନ୍ନାଥ ମନ୍ଦିର ହୁଣ୍ଡି

**ପାରଳାଖେମୁଣ୍ଡି,୫।୬(ଡି.ଏନ.ଏ)**

ପାରଳାଖେମୁଣ୍ଡି ଠାରେ ଚାଲିଥିବା ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହଯୋଗର ହାତ ବଢ଼ାଉଛନ୍ତି ଶ୍ରଦ୍ଧାଳୁ। ମନ୍ଦିର ନିର୍ମାଣ ଲାଗି ଲୋକେ ନିଜ ସାମର୍ଥ୍ୟ ଅନୁସାରେ ସ୍ୱଇଚ୍ଛାରେ ସହାୟତା ପ୍ରଦାନ କରୁଛନ୍ତି। ସେହିପରି ହୁଣ୍ଡି ଗୁଡିକରେ ମଧ୍ୟ ଶ୍ରଦ୍ଧାଳୁମାନେ ଦାନ କରୁଛନ୍ତି। ମନ୍ଦିରର ପୁରୁଣା ହୁଣ୍ଡିରୁ ମୋଟ ୨ଲକ୍ଷ ୬୩ହଜାର ୩୧୦ ଟଙ୍କା ସଂଗୃହୀତ ହୋଇଥିବାର ଜଣାପଡିଛି। ହୁଣ୍ଡି ଖୋଲାଯାଇ ଗଣନା ବେଳେ ୩୧ଟି ୨ହଜାର ଟଙ୍କିଆ ନୋଟ, ୩୫୬ଟି ୫ଶହ ଟଙ୍କିଆ ନୋଟ, ୭ଟି ୨ଶହ ଟଙ୍କିଆ ନୋଟ, ୭୪ଟି ଶହେ ଟଙ୍କିଆ, ୭୦ଟି ୫୦ଟଙ୍କିଆ, ୧୦୬ଟି ୨୦ ଟଙ୍କିଆ ନୋଟ, ୪୫୯ଟି ୧୦ଟଙ୍କିଆ ନୋଟ ଏବଂ ୪୩୦୦ଟି କଏନ ସଂଗୃହୀତ ହୋଇଥିବାର ମନ୍ଦିର ପକ୍ଷରୁ ଜଣାପଡିଛି ।

**ଜାତୀୟ ସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ**
ଭାରତର ପ୍ରମୁଖ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ପ୍ରଦର୍ଶନୀ ଏବଂ ବିକ୍ରୟ
ସ୍ଥାନ
ଏକାମ୍ରହାଟ, ୟୁନିଟ୍-୩, ଭୁବନେଶ୍ୱର
ତାରିଖ
ତା ୦୬/୦୬/୨୦୨୨ ଠାରୁ ୧୫/୦୬/୨୦୨୨, ସକାଳ ଘ. ୧୦ ରୁ ରାତ୍ର ଘ. ୯ ପର୍ଯ୍ୟନ୍ତ
ଶୁଭ ଉଦ୍‌ଘାଟକ
ଶ୍ରୀଯୁକ୍ତ ଶ୍ୟାମଭକ୍ତ ମିଶ୍ର, ଓ.ପ୍ର.ସେ., (ବରିଷ୍ଠ ପ୍ରଶାସନିକ ବର୍ଗ)
ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ଉକ୍ତ ପ୍ରଦର୍ଶନୀକୁ ତା ୦୬.୦୬.୨୦୨୨ ରିଖ ସନ୍ଧ୍ୟା ଘ.୬ ରେ ଉଦ୍‌ଘାଟନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି ।
ବହୁସଂଖ୍ୟାରେ ପରିବାର ଓ ବନ୍ଧୁ ପରିଜନମାନଙ୍କ ସହ ଉପସ୍ଥିତ ରହି ପ୍ରଦର୍ଶନୀ ଉପଭୋଗ କରିବା ନିମନ୍ତେ ଅନୁରୋଧ ।
ପ୍ରାୟୋଜକ
ଭାରତ ସରକାର, ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ବିଭାଗ, ନୂଆଦିଲ୍ଲୀ
ଆୟୋଜକ
ଡ୍ରୋଭ୍, ଅନୁଗୋଳ

# ବିଶ୍ୱ ପରିବେଶ ଦିବସ ନେଇ ସଚେତନତା ଶୋଭାଯାତ୍ରା

**ଖଣ୍ଡପଡ଼ା,୫।୬ (ସ୍ୱ.ପ୍ର.)**

ବିଶ୍ୱ ପରିବେଶ ଦିବସ ପାଳନ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହାତରେ ପ୍ଲାକ କାର୍ଡ ଧରି ପରିବେଶ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ ବାର୍ତ୍ତା ଦେଇ ଖଣ୍ଡପଡ଼ା ସହର ପରିକ୍ରମା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଘରବାରିରେ ବୃକ୍ଷ ରୋପଣ କରିବା, ପଲିଥିନି ବ୍ୟବହାର ବନ୍ଦ କରିବା, ଜଙ୍ଗଲ ସମ୍ପଦର ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ଦିଗରେ ଧ୍ୟାନ ଦେବା ଉପରେ ବିଭାଗୀୟ କର୍ମଚାରୀମାନେ ଗୁରୁତ୍ୱାରୋପ କରିଥିଲେ। ଖଣ୍ଡପଡ଼ା ବନପାଳ ଶ୍ରୀନିବାସ ଦାଶ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ବରିଷ୍ଠ ନାଗରିକ, ପରିବେଶବିତ୍‌ମାନେ ଶୋଭଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଖଣ୍ଡପଡ଼ା ଅଦାଲତ କାର୍ଯ୍ୟାଳୟ ପରିସରରେ ବନ ବିଭଗ କର୍ମଚାରୀ ଓ ଖଣ୍ଡପଡ଼ା ଓକିଲ ସଂଘର ସଦସ୍ୟଙ୍କ ମିଳିତ ସହଯୋଗରେ ଚାରା ରୋପଣ କରାଯାଇଥିଲା।



ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବୟନିକା** ଦ୍ୱାରା ଆୟୋଜିତ
-୬୬ ବର୍ଷର ଉତ୍କର୍ଷ-
**ଜିଲ୍ଲା ହସ୍ତତନ୍ତ ମେଳା**
ସ୍ଥାନ - କଲେକ୍ଟୋରେଟ୍ ପଡ଼ିଆ, ଜଗତସିଂହପୁର
ସ୍ୱତନ୍ତ୍ର ରିହାତି
୧୦%+୨୦%
ବୟନିକା ଷ୍ଟଲରେ ଉପଲବ୍ଧ
ତା.୧୬.୦୬.୨୦୨୨ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ଣ ୧୧.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ ।
ଆକର୍ଷଣୀୟ ସରକାରୀ ରିହାତି
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

